ବର୍ଷା
୨୦୧୪

# ସାହିତ୍ୟ ପୁଳା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ବର୍ଷା - ୨୦୧୪




ସଂପାଦକ

**ଦାଶ ବେନହୁର**

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ବର୍ଷା - ୨୦୧୪


ସଂପାଦକ : ଦାଶ ବେନହୁର

ସଂପାଦନା ମଣ୍ଡଳୀ : ସୁରେନ୍ଦ୍ର କୁମାର
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ୍



© ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର



ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ କନ୍‌ସଲଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର

# ସଂପାଦକଙ୍କ କଲମରୁ....

ସରଗିଫୁଲ, ଓଡ଼ିଶାସାରା ବିଛେଇ ହୋଇ ରହିଥିବା ଜନଜାତି ଅଞ୍ଚଳର ପଢୁଆ ପିଲାମାନଙ୍କର ଏକ ପ୍ରତିନିଧି-ସ୍ତରୀୟ ରଚନାତ୍ମକ ପତ୍ରିକା । ଏଥିରେ ସେଭଳି ବିଦ୍ୟାଳୟଗୁଡ଼ିକରେ ପାଠ ପଢୁଥିବା ଓ ଶିକ୍ଷକତା କରୁଥିବା ବ୍ୟକ୍ତିବିଶେଷଙ୍କର ଲେଖା ଓ ଅଙ୍କିତ ଚିତ୍ର ପ୍ରକାଶ ପାଏ । କେବଳ ସେତିକି ନୁହେଁ, ବର୍ଷକେ ଥରେ ବିଭିନ୍ନ ସ୍କୁଲରୁ ବଛାହୋଇ ଆସି ଭୁବନେଶ୍ୱରର ସରଗିଫୁଲ ଉତ୍ସବରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କର କାର୍ଯ୍ୟଧାରା ଓ ତା'ର ବିବରଣୀ ବି ସ୍ଥାନ ଗ୍ରହଣ କରେ ।

ଏଇଠି ମନେ ରଖିବାକୁ ହେବ ଯେ କେବଳ ଗପ, କବିତା ବା ପ୍ରବନ୍ଧ, ରଚନାତ୍ମକ ଅଭିବ୍ୟକ୍ତି ନୁହନ୍ତି, ଯେ କୌଣସି ନୂଆ ପ୍ରୟୋଗ ମଧ୍ୟ ସୃଜନଶୀଳତାର ବାର୍ତ୍ତା ବହନ କରେ ।

ମଣିଷ ଚିନ୍ତାଶୀଳ ହେଲେ ତା' ଭିତରକୁ ସୃଜନଧାରା ଆପେ ପ୍ରବେଶ କରେ । ଏଇ ଚିନ୍ତା ହିଁ ବ୍ୟକ୍ତିକୁ ଭାବୁକ କରେ । ଏଠାରେ ଚିନ୍ତା ଶବ୍ଦଟିକୁ ଅସ୍ତିସୂଚକ ଭାବରେ ବ୍ୟବହାର କରାଯାଇଛି । ସମସ୍ତ ଅସ୍ତିସୂଚକ ଭାବନା ବା ଚିନ୍ତା ହିଁ ସବୁ ଉଦ୍ଭାବନ ଓ ଆବିଷ୍କାରର ମୂଳ । ସେମିତି ପ୍ରତିଟି ସୃଜନକର୍ମ ମଧ୍ୟ କୌଣସି ଉଦ୍ଭାବନ ବା ଆବିଷ୍କାର ଠାରୁ ନ୍ୟୁନ ନୁହଁନ୍ତି । ଲେଖାରେ ନୂଆ ଭାବନାଟିଏ ଉପସ୍ଥାପନ କରିବା, ଛବିରେ ଭିନ୍ନ ପ୍ରୟୋଗ ଦେଇ ଅଙ୍କନ କରିବା ବା ସୁର ସାଧନା କରି ନୂତନ ରାଗରାଗିଣୀ ସୃଷ୍ଟି କରିବା ମଧ୍ୟ ଗୋଟିଏ ଗୋଟିଏ ଉଦ୍ଭାବନ ।

ଏଥରର ସରଗିଫୁଲ ପାଇଁ ବଛା ହୋଇଥିବା ଲେଖାଗୁଡ଼ିକରେ କିଛି କିଛି ସ୍ଥାନରେ ଏହି ପ୍ରୟୋଗର ଝଲକମାନ ରହିଛି । ସହୃଦୟ ତଥା ଅନୁଭବୀ ପାଠକ ସେ ସବୁକୁ ସହଜରେ ଧରି ପାରିବେ । ଛବିଗୁଡ଼ିକ ହୃଦୟଗ୍ରାହୀ ।

ଆମ ପିଲାଏ ଯଦି ସୃଜନାତ୍ମକ ହେବେ, ଆମେ ଭବିଷ୍ୟତରେ ସେତେ ସୁନ୍ଦର ତଥା ଆଶ୍ୱସ୍ତ ସମାଜ ଗଠନ କରିପାରିବା । ସୃଜନଶୀଳତା ପଛରେ ଥାଏ ଏକ ସ୍ୱନିର୍ବାଚିତ ମଧୁର ଶୃଙ୍ଖଳା । ଏଇ ଶୃଙ୍ଖଳା ହିଁ ପ୍ରତ୍ୟେକ କଳାର ରହସ୍ୟ । ଇଂରାଜୀରେ ବ୍ୟବହୃତ ଶବ୍ଦ 'ସିମେଟ୍ରି' ବା 'ସିଂଫୋନି' ସମ୍ଭବ ହୁଏ ଏଇ ରହସ୍ୟରୁ ।

ଅତଏବ ଆମେ ରଚନାତ୍ମକ ହେବାପାଇଁ କେବଳ ଚିନ୍ତାଶୀଳ ହେଲେ ବା ଭାବୁକ ହେଲେ ଚଳିବ ନାହିଁ । ସେଥିପାଇଁ ଚେତନା, ଚରିତ୍ର ଓ ପ୍ରତିଟି କାର୍ଯ୍ୟକ୍ରମରେ ଶୃଙ୍ଖଳା ଆବଶ୍ୟକ । ପିଲାମାନେ ଯେତେ ଶୃଙ୍ଖଳିତ ହେବେ, ସେ ସମାଜ ସେତେ ସୁନ୍ଦର ହୋଇପାରିବ । ପିଲାମାନେ ପରା ଆଗାମୀ ସମୟର ବାପା, ମା' ଓ ଭବିଷ୍ୟତ ନାଗରିକ ।

**ଦାଶ ବେନହୁର**
ସଂପାଦକ



# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| ସଂପାଦକଙ୍କ କଲମରୁ.... | |
| ପୃଷ୍ଠଭୂମି | ୧ |
| 'ସରଗିଫୁଲ', ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ - ୨୦୧୩ | ୨ |
| ସରଗିଫୁଲ ୨୦୧୩ ସମ୍ପର୍କରେ ସମ୍ୟକ୍ ସୂଚନା | ୫ |
| ଚତୁର୍ଥ ବାର୍ଷିକୀ ସରଗିଫୁଲର କାର୍ଯ୍ୟକ୍ରମ | ୬ |
| ସର୍ଜନାତ୍ମକ ନୃତ୍ୟ | ୮ |
| ଫଟୋଗ୍ରାଫି | ୯ |
| ମାଟିକାମ | ୧୦ |
| ଚିତ୍ରକଳା | ୧୧ |
| ଶିଶୁ-ସାମ୍ବାଦିକତା | ୧୨ |
| ବିଜ୍ଞାନଭିତ୍ତିକ ଖେଳ | ୧୩ |
| ଗଣିତ ଖେଳ | ୧୪ |
| ଯାଦୁ ଖେଳ | ୧୫ |
| ସୃଜନାତ୍ମକ ଲେଖା | ୧୬ |
| ଅଲୋଡ଼ାର ଉପଯୋଗ | ୧୮ |
| କାଗଜ କାରିଗରୀ | ୧୯ |
| ଆମ ପିଲାମାନଙ୍କର ମତ ଓ ମନ୍ତବ୍ୟ | ୨୦ |
| ଗପ | ୨୫ |
| ପଖାଳ | ୨୬ |
| ଦୁଇ ଭଉଣୀଙ୍କ ଦୁଃଖର କାହାଣୀ | ୨୮ |
| ଡଷ୍ଟବିନ | ୩୦ |
| ବୃକ୍ଷର ଉପକାର | ୩୧ |
| ମୋ ଆଇବୁଢ଼ୀ | ୩୩ |

ଠେକୁଆର ବୁଦ୍ଧି ୩୪
ଆମ ବିଦ୍ୟାଳୟ ୩୬
ଛୋଟ ଜୀବର କାମ ବଡ଼ ୩୭
ପରିଶ୍ରମ ୩୮
ହସ କଥା ୩୯
କିଏ ଆସିଲା ୪୨
ନାଁଟି ମୋର ଗଛ ୪୩
ଜୀବନ ବିଦ୍ୟାଳୟ ୪୪
ଭୁଲିବୁ ନାହିଁ ୪୫
ଗାନ୍ଧିଜୀଙ୍କ ରେଳଯାତ୍ରା ୪୬
ଅପଢ଼ା ପାଠ ୪୭
ସାଥୀ ପାଇଁ ଭଲ ଚିଜ ୪୮
ଇଟିକିଲି ମିଟିକିଲି ୪୯
ବେଦ- ଏକ ଅବଲୋକନ ୫୦
ଶୀତ ଋତୁ ପାଇଁ ଗୀତ ୫୪
ଆମେ ସବୁ ମଣିଷ ବି, ଭାରତୀୟ ବି ! ୫୪
ଆକାଶ ୫୫
ଲୋଭର ଫଳ ୫୭
ସଚ୍ଚୋଟତାର ବିଜୟ ୫୯
**ଜନଜାତି ଭାଷା ବିଭାଗ**
ଲଞ୍ଜା ମନେରେନା ଦୁଃଖ ୬୧
ଆପିୟେ କୁମ୍ଭକ ୬୨
ବିଦୁ ଗନ୍ଦାନ ନେହର ୬୩
ଆଇନାରେ ସରଗିଫୁଲ୍ ୨୦୧୩ ୬୫
ଦି’ ପଦ ୭୪




# ପୃଷ୍ଠଭୂମି

"ସରଗିଫୁଲ୍" ଆମ ବିଭାଗର ଛାତ୍ରଛାତ୍ରୀଙ୍କ ମହୋତ୍ସବ । ଏହା ୨୦୧୦ ମସିହାରୁ ଆରମ୍ଭ ହୋଇ ଚାରୋଟି ବସନ୍ତ ଅତିକ୍ରମ କରିଛି । ଏହି ଚତୁର୍ଥ ବର୍ଷର ଅନୁଭୂତିର କିଛି ଝଲକ ଏ "ସରଗିଫୁଲ୍" ।

ପ୍ରତ୍ୟେକ ବର୍ଷର ଅନୁଭୂତିରୁ ଆମେ ଶିଖିଥାଉ, ପୂର୍ବ ବର୍ଷ କଣ ସବୁ ଭଲ ମନ୍ଦ ହୋଇଛି । ସେଇ ସବୁରେ ସୁଧାର ଆଣିବାକୁ ଆମେ ପ୍ରୟାସ ହେଉ । ଅନୁଭୂତି ନୂତନତା ଆଣେ । ଚତୁର୍ଥ ବର୍ଷ ଅନୁଷ୍ଠିତ ହୋଇଥିବା "ସରଗିଫୁଲ୍" ପୂର୍ବ ବର୍ଷଗୁଡ଼ିକଠାରୁ ନିଶ୍ଚିତଭାବେ ଆହୁରି ଆକର୍ଷଣୀୟ ହୋଇଥିବ । ଉତ୍ସବରେ ଭାଗ ନେଇଥିବା ପିଲାମାନେ ବିଗତ ବର୍ଷ ଭାଗ ନେଇଥିବା ପିଲାଙ୍କ ଅନୁଭୂତିକୁ ଶୁଣି ନିଜ ପାରିବା ପଣିଆକୁ ଆହୁରି ସୁନ୍ଦର କରିବାର ସ୍ୱପ୍ନନେଇ ଆସିଥିବେ ଓ ସାକାର କରିଥିବେ ।

ଆୟୋଜନରେ ମଧ୍ୟ ପୂର୍ବ ବର୍ଷର ଅଭିଜ୍ଞତାଗୁଡ଼ିକୁ ବିସ୍ତାରକୁ ନେଇ ଅନେକ ସୁଧାର ଆସିଥିବ । ଅନୁଭୂତି ଓ ପ୍ରଦର୍ଶନର ଏକ ନିଛକ ପ୍ରତିଛବି ଏହି ଚିତ୍ରଲିପି ସମ୍ବଳିତ "ସରଗିଫୁଲ୍" ପତ୍ରିକା ତାର ନିଦର୍ଶନ ।

ପିଲାମାନଙ୍କ ଅନୁଭୂତି ଖୁବ୍ ନିଆରା । ତାଙ୍କ ସୃଜନ ସାମର୍ଥ୍ୟ ଆହୁରି ବିକଶିତ ହେଉ, ପତ୍ରିକା ପ୍ରକାଶନ ଅବସରରେ ଏତିକି କାମନା ।

ସୁରେନ୍ଦ୍ର କୁମାର

କମିଶନର ତଥା ଶାସନ ସଚିବ

# 'ସରଗିଫୁଲ୍', ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ - ୨୦୧୩

(ଆୟୋଜକ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର)

ତାରିଖ - ୨୭ ଡିସେମ୍ବର, ୨୦୧୩

ସ୍ଥାନ- ଆଦିବାସୀ ପଡ଼ିଆ, ୟୁନିଟ୍-୧, ଭୁବନେଶ୍ୱର-୯

## ଉଦ୍‌ଘାଟନୀ ଉତ୍ସବ - ୨୭.୧୨.୨୦୧୩, ସମୟ - ପୂର୍ବାହ୍ନ ୧୦.୩୦ ଘଟିକା

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ବେହେରା
ଅତିରିକ୍ତ ମୁଖ୍ୟଶାସନ ସଚିବ, ଅର୍ଥବିଭାଗ

ସ୍ୱାଗତ ଭାଷଣ - ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର
ଅନୁସୂଚି ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ।

ଧନ୍ୟବାଦ ଅର୍ପଣ - ଡକ୍ଟର ଅଖିଳ ବିହାରୀ ଓତା
ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ।

## କାର୍ଯ୍ୟକ୍ରମ

ମୁଖ୍ୟ ଅତିଥି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅର୍ଥବିଭାଗ, ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ବେହେରାଙ୍କ କରକମଳରେ ତା.୨୭.୧୨.୨୦୧୩ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ 'ସରଗିଫୁଲ' ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ - ୨୦୧୩ ଉଦ୍‌ଘାଟିତ ହୋଇଥିଲା । ଅତିଥିବୃନ୍ଦ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ବେହେରାଙ୍କ ଦ୍ୱାରା 'ସରଗିଫୁଲ' ଶିଶୁପତ୍ରିକା ଉନ୍ମୋଚିତ ହୋଇଥିଲା । ସଭାକାର୍ଯ୍ୟ ପରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ବେହେରା ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ ଓ ବିଭିନ୍ନ କର୍ମଶାଳା ବୁଲି ଦେଖିଥିଲେ ।

## ଉଦ୍‌ଘାଟନୀ ଉତ୍ସବ - ୨୭.୧୨.୨୦୧୩

ମୁଖ୍ୟଅତିଥି - ଅନୁସୂଚି ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର

ସମ୍ମାନିତ ଅତିଥି - KISS ର ପ୍ରତିଷ୍ଠାତା ସଦସ୍ୟ ଡ. ଅଚ୍ୟୁତ ସାମନ୍ତ ।

ଧନ୍ୟବାଦ ଅର୍ପଣ - ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ସଦସ୍ୟ ସଚିବ ତଥା ଅତିରିକ୍ତ ଶାସନ ସଚିବ, ଡକ୍ଟର ଅଖିଳ ବିହାରୀ ଓତା ।

ସରଗିଫୁଲ-୨୦୧୩ ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଚାଲିଥିଲା । ଉଦ୍‌ଘାଟନ ଦିବସରେ ପିଲାଙ୍କ ଲେଖାରେ ସମୃଦ୍ଧ ସରଗିଫୁଲ ପତ୍ରିକା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାର କେବଳ ଆମ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳ୍ର ଓ ଶିକ୍ଷାପୁଞ୍ଜରେ ପଞ୍ଚମରୁ ଦଶମ ଶ୍ରେଣୀରେ ପଢୁଥିବା ପ୍ରାୟ ୭୫୦ ଜଣ ଛାତ୍ରଛାତ୍ରୀ ଏବଂ ୧୫୦ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ସରଗିଫୁଲ-୨୦୧୩ ଉତ୍ସବ ସକାଳ ୯.୩୦ରୁ ୧୨.୩୦ ପର୍ଯ୍ୟନ୍ତ ଉଭୟ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ନେଇ ୨୫ଟି କର୍ମଶାଳାର ଆୟୋଜନ କରାଯାଇଥିଲା ।

ଏତଦ୍‌ବ୍ୟତୀତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ୨୭ ତାରିଖ ଅପରାହ୍ନରୁ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସରଗିଫୁଲ-୨୦୧୩ ଉତ୍ସବକୁ ରଙ୍ଗିନ୍ କରିଥିଲେ । ଏହାଛଡ଼ା ପିଲାମାନେ ମ୍ୟୁଜିଅମ୍, ପ୍ଲାନେଟୋରିଅମ୍, ଧଉଳି, ନନ୍ଦନକାନନ ଆଦି ସ୍ଥାନକୁ ପରିଭ୍ରମଣରେ ଯାଇ ବୁଲିବାର ମଉଜ ନେଇଥିଲେ ।


























# ସରଗିଫୁଲ ୨୦୧୩ ସମ୍ପର୍କରେ ସମ୍ୟକ୍ ସୂଚନା

ସରଗିଫୁଲ ଛାତ୍ରଛାତ୍ରୀ ମହୋତ୍ସବ ପ୍ରଥମେ ୨୦୧୦ ମସିହାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା । ଚଳିତ ବର୍ଷ ଏହି ଉତ୍ସବର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏହି ଉତ୍ସବର ସମସ୍ତ ଷ୍ଟଲ୍, ମୁଖ୍ୟମଞ୍ଚକୁ ଜଙ୍ଗଲ ପରିବେଶ ଆକାରରେ ସଜ୍ଜିତ କରାଯାଇଥିଲା ।

ସରଗିଫୁଲ-୨୦୧୩ ମହୋତ୍ସବ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଚାଲିଥିଲା । ଏହି ତିନିଦିନ ଆଦିବାସୀ ପ୍ରଦର୍ଶନୀ ପଡ଼ିଆର ରୂପ ଥିଲା ନିଆରା । ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ ହୋଇଥିଲା ଆଦିବାସୀ ପଡ଼ିଆ । ଏହି ଉତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଓ ଶିକ୍ଷାପୁଞ୍ଜରେ ପଞ୍ଚମରୁ ଦଶମ ଶ୍ରେଣୀରେ ପଢୁଥିବା ପ୍ରାୟ ୭୫୦ ଜଣ ଛାତ୍ରଛାତ୍ରୀ ଏବଂ ୧୫୦ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ସରଗିଫୁଲ - ୨୦୧୩ ଉତ୍ସବରେ ପ୍ରତ୍ୟେକ ଦିନ ସକାଳ ୯ଟାରୁ ୧୨.୩୦ ମିନିଟ ପର୍ଯ୍ୟନ୍ତ ୧୮ଟି ବିଷୟରେ ସିନିୟର ଓ ଜୁନିୟର ବିଭାଗ ପାଇଁ ୨୬ଟି କର୍ମଶାଳା ଆୟୋଜିତ ହୋଇଥିଲା । ଶିଖି ଶିଖାଇବା ଭାବଧାରା ଭିତରେ ସମସ୍ତେ ବୁଡ଼ି ଯାଇଥିଲେ । କେଉଁଠି ମ୍ୟାଜିକ୍‌ର ମଜା ଚାଲିଥିଲା ବେଳେ କେଉଁଠି ଓଡ଼ିଶୀ ନୃତ୍ୟ, ଚିତ୍ରକଳା ଏବଂ କେଉଁଠି କଞ୍ଚାମାଟିକୁ ରୂପ ଦେଉଥିଲେ ଆମ ବିଭାଗରେ କୁନିକୁନି ପିଲାମାନେ । ଏହିଭଳି ବିଭିନ୍ନ କର୍ମଶାଳାର ମଜା ନେଉଥିଲେ କୁନିକୁନି ପିଲାମାନେ ।

ଏହାଛଡ଼ା ସରଗିଫୁଲ-୨୦୧୩ରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟସବୁ ପିଲାମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରୁଥିଲା । ପ୍ରତ୍ୟେକଦିନ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ମଞ୍ଚକୁ ଦୁଲୁକାଇ ଦେଉଥିଲେ । ଏତଦ୍‌ବ୍ୟତୀତ ଛାତ୍ରଚାତ୍ରୀମାନଙ୍କୁ ନନ୍ଦନକାନନ, ଧଉଳି, ମ୍ୟୁଜିୟମ, ପ୍ଲାନେଟୋରିୟମ୍ ଆଦି ସ୍ଥାନକୁ ବୁଲାଇ ନିଆଯାଇଥିଲା । ପିଲାମାନଙ୍କୁ ରାଜନୀତି ସମ୍ପର୍କରେ ଧାରଣା ଦେବାପାଇଁ ୨୮ ତାରିଖ ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ତପୋବନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଧାନସଭା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହା ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଓ ଦର୍ଶକମାନଙ୍କ ମହଲରେ ବେଶ୍ ପ୍ରଶଂସିତ ହୋଇଥିଲା ।

ଏତଦ୍‌ବ୍ୟତୀତ ୨୮ ଓ ୨୯ ତାରିଖ ଦିନ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଶୀର୍ଷକ ଥିଲା Renewable Energy ଛାତ୍ରଛାତ୍ରୀମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କର ଦକ୍ଷତାକୁ ଆହୁରି ବିକଶିତ କରିବା ଏହି ସରଗିଫୁଲ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ସରଗିଫୁଲ-୨୦୧୩ର ଅନୁଭୂତି ଖୁବ୍ ସ୍ମରଣୀୟ ଏବଂ ଶିକ୍ଷଣୀୟ ହୋଇପାରିଥିଲା ସମସ୍ତଙ୍କ ପାଇଁ ।




SARGIFUL 2013
27.12.2013 (Friday)















# ଚତୁର୍ଥ ବାର୍ଷିକୀ ସରଗିଫୁଲର କାର୍ଯ୍ୟକ୍ରମ

'ନିର୍ମାଣ' ଏକ ସୃଜନାତ୍ମକ ପରିଭାଷା - ମନ, କଳ୍ପନା ଓ ନିଜ ହାତର । ସରଗିଫୁଲ ମହୋତ୍ସବରେ ଭାଗନେଇଥିବା ବିଭିନ୍ନ ଛାତ୍ରଛାତ୍ରୀ ନିଜର ମନ ଓ କଳ୍ପନାକୁ ନେଇ ନିଜ ହାତକାମର ଭିନ୍ନଭିନ୍ନ ନମୁନା ପ୍ରଦର୍ଶନ କରିବା ସହିତ ବିଭିନ୍ନ ବିଷୟରେ ଜ୍ଞାନ ମଧ୍ୟ ଆହରଣ କରିଥିଲେ ।

ଏହି ମହୋତ୍ସବର ଏକ ଝଲକ୍ ପରବର୍ତ୍ତୀ ପୃଷ୍ଠାମାନଙ୍କରେ ...



# ସର୍ଜନାତ୍ମକ ନୃତ୍ୟ

ଏହି କର୍ମଶାଳାରେ ପିଲାମାନଙ୍କୁ ବରିଷ୍ଠ ଏବଂ କନିଷ୍ଠ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥିଲା । ଏହାପରେ ଗୁରୁ ରତ୍ନାକର ରେଡି ପିଲାମାନଙ୍କୁ ବିଭିନ୍ନ ନୃତ୍ୟ ଏବଂ ସେଗୁଡ଼ିକର ଶୈଳୀ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ । ଏହାପରେ ବିଭିନ୍ନ ଓଡ଼ିଆ ଏବଂ ହିନ୍ଦୀ ଚଳଚ୍ଚିତ୍ର ତଥା ଆଧୁନିକ ଗୀତର ତାଳେ ତାଳେ ଛାତ୍ରଛାତ୍ରୀମାନେ ନୃତ୍ୟ ଶିକ୍ଷା କରିଥିଲେ । ପ୍ରଥମ ଦିନ ଶିଖିଥିବା ନୃତ୍ୟକୁ ସଂଗୀତ ସହ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା । ଦେଖିବାକୁ ମିଳିଥିଲା ଯେ ପିଲାମାନେ ଅତି ଆଗ୍ରହର ସହ ନୃତ୍ୟ ଶିକ୍ଷା କରୁଥିଲେ । ପିଲାମାନେ ଶିଖିଥିବା ନୃତ୍ୟକୁ ସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରିଥିଲେ ।














# ଫଟୋଗ୍ରାଫି

ଫଟୋ ମାଧ୍ୟମରେ ସ୍ମୃତିକୁ ସାଇତି ରଖିହୁଏ । ଫଟୋଗ୍ରାଫି କର୍ମଶାଳାରେ ପିଲାମାନଙ୍କ ଆଗ୍ରହ ଦେଖିବାକୁ ମିଳିଥିଲା । ଫଟୋ ଉଠାଯାଏ କେମିତି ଶିଖିବା ପାଇଁ, ଫଟୋ ଉଠାଇବା ପାଇଁ ମୁଖ୍ୟ ଉପାଦାନଗୁଡ଼ିକ କ'ଣ, ଫଟୋ ଉଠାଇବା ବେଳେ ସୂର୍ଯ୍ୟଙ୍କ କିରଣ କେତେ ଜରୁରୀ ସେସବୁ ବିଷୟରେ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥିଲା । ଫଟୋ ଉଠାଇବା ବେଳେ Space Management କେତେ ଜରୁରୀ ତାହା ମଧ୍ୟ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥିଲା । ଶିକ୍ଷକଙ୍କ ଦ୍ୱାରା ପ୍ରତ୍ୟେକ ପ୍ରତିଯୋଗୀ କ୍ୟାମେରାରେ ବ୍ୟକ୍ତିଗତଭାବେ ଫଟୋ ଉଠାଇଥିଲେ ଏବଂ ଫଟୋ ଉଠିସାରିବା ପରେ ସେଥିରେ ଥିବା ତ୍ରୁଟି ଉପରେ ପ୍ରାଧାନ୍ୟ ଦେଇ ଶିକ୍ଷା ଦିଆଯାଇଥିଲା ।










# ମାଟିକାମ

କଞ୍ଚାମାଟିରୁ କିଭଳି ଭାବରେ ବିଭିନ୍ନ ଜିନିଷ ପ୍ରସ୍ତୁତ କରାଯିବ ତା'ର କୌଶଳଗୁଡ଼ିକୁ ଏହି କର୍ମଶାଳାରେ ପିଲାମାନଙ୍କୁ ଶିଖାଇ ଦିଆଯାଇଥିଲା । ପ୍ରତ୍ୟେକ ପିଲା ବହୁ ଆଗ୍ରହର ସହ ମାଟିକାମ କରୁଥିବାର ଦେଖିବାକୁ ମିଳିଥିଲା । ପିଲାମାନେ ମାଟିରେ ବିଭିନ୍ନ ପ୍ରକାର ଉପକରଣ, ଫୁଲ, ମୂର୍ତ୍ତି, ଖେଳନା, କଳସୀ, ବିଭିନ୍ନ ପ୍ରକାର ପାତ୍ର ସବୁ ପ୍ରସ୍ତୁତ କରିଥିବାର ଦେଖିବାକୁ ମିଳିଥିଲା । ମାଟିକୁ କିପରି ଚକଟି ଉପଯୁକ୍ତ ଭାବରେ ଦଳି ତାକୁ ଜିନିଷ ତିଆରି ପାଇଁ ଉପଯୋଗ କରିବାର କୌଶଳ ମଧ୍ୟ ପିଲାମାନେ ଶିଖିଥିଲେ । ଏହି କର୍ମଶାଳାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ଉଭୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।









# ଚିତ୍ରକଳା

ମନରେ ଥିବା ଭାବକୁ ତୂଳି ମାଧ୍ୟମରେ କାନ୍‌ଭାସ୍ ଉପରେ ଏକ ସୁନ୍ଦର ଚିତ୍ର ଅଙ୍କନ କରାଯାଇ ପାରିବ । ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିବାର କୌଶଳମାନ ଶିଖାଯାଇଥିଲା । ଚିତ୍ର କିପରି ନିଜର କଳ୍ପନା ଶକ୍ତିର ବିକାଶ କରିଥାଏ ସେ ବିଷୟରେ ସମ୍ୟକ୍ ସୂଚନା ମଧ୍ୟ ପିଲାମାନଙ୍କୁ ଦିଆଯାଇଥିଲା । ଚିତ୍ରର ରଙ୍ଗ ନିରୂପଣ ତଥା ଠିକ୍ ପ୍ରାମାଣିକ ଜ୍ଞାନ ବିଷୟରେ ମଧ୍ୟ ଧାରଣା ଦିଆଯାଇଥିଲା । ଏହି କର୍ମଶାଳାରେ ଦେଖିବାକୁ ମିଳିଥିଲା ଯେ ପିଲାମାନେ କିପରି ପ୍ରକୃତିକୁ ନିଜ ତୂଳି ମୂନରେ କାନ୍‌ଭାସ୍ ଉପରେ ଉତାରୁଥିଲେ । ଏହା ପ୍ରକୃତରେ ଅତି ସୁନ୍ଦର ଏବଂ ଆକର୍ଷଣୀୟ ଥିଲା ।











# ଶିଶୁ-ସାମ୍ବାଦିକତା

ଚଳିତବର୍ଷ ସରଗିଫୁଲ-୨୦୧୩ ବିଭିନ୍ନ ଜିଲ୍ଲାରୁ ଆସିଥିବା କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ନେଇ ଶିଶୁ-ସାମ୍ବାଦିକ କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ପିଲାମାନେ ଅନୁସନ୍ଧିତ୍ସୁ ଓ ଜିଜ୍ଞାସୁ ମନୋଭାବରେ ରସ ଓ ରଙ୍ଗରେ ନିଜକୁ ହଜାଇ ଦେଇଥିଲେ । ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସାମ୍ବାଦିକତାର ଶୈଳୀ ସମ୍ପର୍କରେ ଆସିଥିବା ସାଧନ କର୍ମୀମାନେ ଶିଖାଇଥିଲେ । ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଯାହା ଫଳରେ କି ପିଲାମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇପାରିଥିଲା । ସତରେ ସରଗିଫୁଲ ପିଲାମାନଙ୍କ ମଧ୍ୟରେ ଭାବର ଆଦାନ-ପ୍ରଦାନ, କଥା ହେବାର ଶୈଳୀ ବିଷୟରେ ଏହି କର୍ମଶାଳା ମାଧ୍ୟମରେ ଜଣାଇବାକୁ ସମର୍ଥ ହୋଇପାରିଛି ।



# ବିଜ୍ଞାନଭିତ୍ତିକ ଖେଳ

ବିଜ୍ଞାନଭିତ୍ତିକ ଖେଳରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ଅଲଗା ଅଲଗା କର୍ମଶାଳାର ଆୟୋଜନ କରାଯାଇଥିଲା । ଏଥିରେ ପିଲାମାନଙ୍କୁ ବିଭିନ୍ନ ବିଜ୍ଞାନଭିତ୍ତିକ ଖେଳ ବିଷୟରେ ବିବରଣୀ ଦିଆଯାଇଥିଲା । ବିଜ୍ଞାନ ମେଳାରେ ସମସ୍ତ ପ୍ରୋଜେକ୍ଟଗୁଡ଼ିକୁ ଗୋଟି ଗୋଟି କରି ବୁଝାଯାଇଥିଲା ଏବଂ କେଉଁ ସୂତ୍ର ବା ବୈଜ୍ଞାନିକ କାରଣ ଦ୍ୱାରା ହେଉଛି ତାହା ପିଲାଙ୍କୁ କୁହାଯାଇଥିଲା ।














# ଗଣିତ ଖେଳ

'ସର୍‌ଗିଫୁଲ' ଆମ ବିଭାଗର ଛାତ୍ରଛାତ୍ରୀଙ୍କ ରାଜ୍ୟସ୍ତରୀୟ ଉତ୍ସବରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ଗଣିତ ଖେଳ କର୍ମଶାଳାର ଆୟୋଜନ କରାଯାଇଥିଲା । ଏଠାରେ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥିଲା ଯେ ଗଣିତ ଏକ କଷ୍ଟକର ବିଷୟ ନୁହେଁ । ଏକଥା ଶିକ୍ଷାର୍ଥୀମାନେ ଉପଲବ୍ଧ କରି ବିଷୟ ସବୁକୁ ଶିଖିଥିଲେ :-







# ଯାଦୁ ଖେଳ


ସରଗିଫୁଲ-୨୦୧୩ରେ ଯାଦୁଖେଳ କର୍ମଶାଳାଟି ଛାତ୍ରଛାତ୍ରୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଛୋଟ ଛୋଟ ସାମଗ୍ରୀକୁ ବ୍ୟବହାର କରି ବିଭିନ୍ନ ପ୍ରକାର ମ୍ୟାଜିକ୍ କୌଶଳ ଶିକ୍ଷା ଦିଆଯାଇଥିଲା । ଅନ୍ୟକୁ କୌଣସି କ୍ଷତି ନପହଞ୍ଚାଇ ସମସ୍ତଙ୍କୁ ରୋଚକ ମନୋରଞ୍ଜନ ଦେବା ମ୍ୟାଜିକ୍‌ର ଉଦ୍ଦେଶ୍ୟ ବୋଲି ଶିକ୍ଷାର୍ଥୀମାନଙ୍କୁ ଶିଖାଯାଇଥିଲା ।













# ସୃଜନାତ୍ମକ ଲେଖା

ସରଗିଫୁଲ-୨୦୧୩ରେ ସୃଜନାତ୍ମକ ଲେଖାର ବିକାଶ ନିମନ୍ତେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା । ପ୍ରଥମେ ପିଲାମାନଙ୍କୁ ନିଜ ନିଜର ସ୍ମୃତି ବିଷୟରେ କିଛି କିଛି ଲେଖିବାକୁ କୁହାଯାଇଥିଲା । ପିଲାମାନଙ୍କଠାରୁ ଅତି ସୁନ୍ଦର ତଥା ଚମତ୍କାର ଉପସ୍ଥାପନା ଦେଖିବାକୁ ମିଳିଥିଲା । ପିଲାମାନଙ୍କୁ ଉପାଦେୟ ପୁସ୍ତକଗୁଡ଼ିକ ପଢ଼ିବାକୁ ଦିଆଯାଇଥିଲା । ଯେ କୌଣସି ବିଷୟଗୁଡ଼ିକୁ ଗୀତରେ, ଗପରେ, କବିତାରେ ସଜାଯାଇ ପାରିବ ଏହା ପିଲାମାନେ ଶିଖିଥିଲେ ଓ ନିଜେ ନିଜେ ଲେଖିବା ମଧ୍ୟ ଶିଖିଥିଲେ ।








ଶିଶୁ ବିଧାନସଭା

# ଅଲୋଡ଼ାର ଉପଯୋଗ

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ-୨୦୧୩' Best of Waste କର୍ମଶାଳାରେ ଫୋପାଡ଼ି ଦିଆଯାଉଥିବା ଅଦରକାରୀ ଜିନିଷକୁ ବ୍ୟବହାର ଉପଯୋଗୀ କରାଯାଇ ବିଭିନ୍ନ ଜିନିଷ ତିଆରି କରାଯାଇ ପାରିବ ସେ ବିଷୟରେ ଶିକ୍ଷା ଦିଆଯାଇଥିଲା । ଯେ କୌଣସି ଅଦରକାରୀ ଜିନିଷକୁ ପୁନର୍ବାର ବ୍ୟବହାର କରି ବିଭିନ୍ନ ଉପକାରୀ ଜିନିଷ ସବୁ ତିଆରି କରାଯାଇପାରେ ସେ ବିଷୟରେ ପିଲାମାନେ ଜାଣିପାରିଲେ ନିଜ ନିଜ ବିଦ୍ୟାଳୟରେ ଅନ୍ୟ ପିଲାମାନଙ୍କୁ ଏକଥା ଶିଖାଇବେ ବୋଲି ଆଗ୍ରହ ପ୍ରକାଶ ମଧ୍ୟ କରିଥିଲେ ।







# ପଖାଳ



ପେଟରେ ପଡ଼ିଲେ ପଖାଳ କଂସାଏ
ଚଷାପୁଅ ଗାଏ ଗୀତ,
ଜେଜେ କହୁଥିଲେ ଖରାଦିନେ ଦହି
ପଖାଳ ଦିହକୁ ହିତ ।
ପଖାଳକୁ ବୋଉ ବଘାରି କହଇ
ଏ ପରା ପାଣି ପଲାଉ,
କାହିଁକି ଖୋଜିବା ପିଜା, ବର୍‌ଗର୍
ଇଏ ଘରେ ଥାଉଥାଉ ।
ଶାଗ, ବଡ଼ିଚୁରା, ଆମ୍ବଛେଚା ରଖି
ବୋଉ ଖାଇବାକୁ ଡାକେ,
ଲାଳ ଆସିଯାଏ ପାଟିରୁ ସେସବୁ
ଦେଖି ପଖାଳର ପାଖେ ।
ରଙ୍କ ହୋଇ ଆମେ ଟଙ୍କ ତୋରାଣିକୁ
ଖୋଜୁ ଆନନ୍ଦ ବଜାରେ,
ଘିଅ ପଖାଳର ଭୋଜନଟା ସାରି
କାଳିଆ ଶୁଏ ମଜାରେ ।
ଥିଲେ ଏ ପଖାଳ ଗାଁ ଖରାବେଳ
ଆନନ୍ଦରେ ଯାଏ କଟି,
ବହଳ ନିଦରେ ଆଖି ପଡ଼ିଯାଏ
ମନ ଝୁରେ ଗାଁ ମାଟି ।

**Susri Priyanka Subhadarshini Jena**
Class - VIII, Govt. High School, Budaguda,
Dist. Rayagada

# ଦୁଇ ଭଉଣୀଙ୍କ ଦୁଃଖର କାହାଣୀ

ଗୋଟିଏ ଗ୍ରାମରେ ଦୁଇଟି ଝିଅ ଥିଲେ । ସେମାନେ ଘରେ ଖାଇବାକୁ ମୁଠେ ହେଲେ ପାଆନ୍ତି ନାହିଁ । ବାପା ଓ ମାଆ ଦୁଇଟି ଝିଅ ପାଇଁ ଭିକ୍ଷା ମାଗି ଖୁଆନ୍ତି । କେବେହେଲେ ତାଙ୍କ ବାପା ମାଆଙ୍କୁ ଖାଇବାକୁ ଖାଦ୍ୟ ଅଣ୍ଟେ ନାହିଁ । ଦିନେ ବୁଢ଼ାବୁଢ଼ୀ ଦୁଇଜଣ ବସି ଚିନ୍ତା କରି କୁହାକୁହି ହେଉଛନ୍ତି - ଇଲୋ ବୁଢ଼ୀ ଆମ ଦୁଇଝିଅ ଇଲୁ ଓ ମିଲୁକୁ ଆମେ ଆଉ ଖୁଆଇ ପାରିବାନି, ତେଣୁ କୋଳି ଖୁଆଇବାକୁ ଜଙ୍ଗଲକୁ ନେବି ଓ ସେହି ଜଙ୍ଗଲରେ ଛାଡ଼ି ପଳାଇ ଆସିବି । ବୁଢ଼ୀ କହିଲା - ଠିକ୍ ଅଛି ।

ତା' ପରଦିନ ସକାଳେ ବାପା ମିଲୁକୁ କହିଲା - ଆସ ଆଜି କୋଳି ଖାଇବାକୁ ଯିବା । ଇଲୁ ଓ ମିଲୁ କହିଲେ ଠିକ୍ ଅଛି ବାପା । ବାପା କହିଲେ ତାହେଲେ ମୋ ସହିତ ଜଙ୍ଗଲକୁ ଆସ । ବାପାଙ୍କ ସହ ଦୁଇଝିଅ ଜଙ୍ଗଲକୁ ଗଲେ । ସାଥିରେ ପାଣି ବୋତଲ ଧରି ଯାଇଥାନ୍ତି । କୋଳି ଖାଇ ଖାଇ ଶେଷରେ ସବୁ ପାଣି ସରିଗଲା । ବାପା ଇଲୁକୁ କହିଲା - ମା ଇଲୁ, ତୁ ବଡ଼ ଝିଅ, ମିଲୁକୁ ଦେଖିବୁ । ମୁଁ ପାଣି ପାଇଁ ଯାଉଛି । ହଁ ବାପା, ମୁଁ ମିଲୁକୁ ଦେଖିବି । ତୁମେ ପାଣି ନେଇ ଶୀଘ୍ର ଆସ । ପାଣି ବୋତଲ ଧରି ବାପା କିଛି ବାଟ ଯାଇ ଏକ ଗଛରେ ବୋତଲଟି ବାନ୍ଧିଦେଇ ଘରକୁ ଚାଲିଗଲା । ବହୁତ ସମୟ ପରେ ବାପା ନଆସିବାରୁ ବାପା ବାପା ବୋଲି ଡାକିଲେ, କିନ୍ତୁ ବାପା ଆସିଲା ନାହିଁ । ଦୁହେଁ ଜଙ୍ଗଲରେ ବାଟବଣା ହୋଇ ଅବାଟରେ ଚାଲୁଛନ୍ତି । ଏପରି ରାତି ସାରା ଜଙ୍ଗଲିଆ ରାସ୍ତାରେ ଚାଲି ଚାଲି ଶେଷରେ ଗୋଟିଏ ଗ୍ରାମରେ ପହଞ୍ଚିଗଲେ । ମିଲୁ କହିଲା, ମୋତେ ଭାରି ଶୋଷ ଲାଗୁଛି, ମୁଁ ପାଣି ପିଇବି । ଇଲୁ କହିଲା, ରାଜାଙ୍କ ବନ୍ଧ ଶୁଖିଯାଇଛିତ, ତେଣୁ ତୁ ପିନ୍ଧିଥିବା ସୁନାମୁଦିଟିକୁ ଦେ । ମିଲୁ ତା ଆଙ୍ଗୁଠିରୁ ମୁଦି କାଢ଼ି ଇଲୁକୁ ଦେଲା । ଇଲୁ ମୁଦିଟିକୁ ରାଜାଙ୍କ ବନ୍ଧ ଭିତରକୁ ଫୋପାଡ଼ି ଦେଲା । ବନ୍ଧରୁ ନଦୀରେ ଜଳ ଆସିଲା ପରି ଜଳ ଆସିଲା । ଦୁଇ ଭଉଣୀ ମନ ଆନନ୍ଦରେ ପାଣି ପିଇଲେ । କିଛି ସମୟ ପରେ ମିଲୁ କହିଲା, ଅପା ମୋ ମୁଦି ଦେ କହି କାନ୍ଦିବାକୁ ଲାଗିଲା । ଇଲୁ ତାକୁ ବୁଝାଇ ବନ୍ଧ ଭିତରକୁ ପଶିଲା ମୁଦି ଆଣିବାକୁ ଏବଂ କିଛି ସମୟ ପରେ ଇଲୁ ପାଣିରେ ବୁଡ଼ି ମରିଗଲା । ମିଲୁ ଏକଲା ହୋଇ ଅପାକୁ ନପାଇ କାନ୍ଦିବାକୁ ଲାଗିଲା । କାନ୍ଦି କାନ୍ଦି ଗଳା ଶୁଖିଗଲା । ଶେଷରେ ଗୋଟିଏ ଋଷିଙ୍କ ଆଶ୍ରମରେ ପହଞ୍ଚିଗଲା । ସେ ଗୋଟିଏ ଗଛ ମୂଳରେ ବସି





କାନ୍ଦୁଥିବାର ଦେଖି ରଷି ଅତ୍ୟନ୍ତ ଦୁଃଖ ଅନୁଭବ କରି ତା' ପାଖକୁ ଗଲେ ଓ ତା' ବିଷୟରେ ସବୁ ପଚାରିଲେ ଓ ବୁଝିଲେ । ରଷି ମିଲୁକୁ ତାଙ୍କ ଆଶ୍ରମକୁ ନେଇଗଲେ ଓ ବିଭିନ୍ନ ପ୍ରକାର ଶିକ୍ଷା ପ୍ରଦାନ କଲେ । ପ୍ରାୟ ୧୫ ବର୍ଷ ସେ ଆଶ୍ରମରେ ରହିଲା ପରେ ରଷିଙ୍କ ଠାରୁ ଜ୍ଞାନ ପାଇ ମିଲୁ ସବୁପ୍ରକାର ଜ୍ଞାନ ଅର୍ଜନ କରିପାରିଥିଲା । ମିଲୁ ବହୁତ ସୁନ୍ଦରୀ ଥିଲା । ତେଣୁ ତାକୁ ରଷି ସୂର୍ଯ୍ୟ ବୋଲି ଡାକୁଥିଲେ । କାରଣ ସୂର୍ଯ୍ୟଙ୍କ ଆଲୋକ ଯେପରି ସାରା ବିଶ୍ୱକୁ ଉଜ୍ଜ୍ୱଳ କରିଦିଏ ସେହିପରି ମିଲୁ ମଧ୍ୟ ଲୋକଙ୍କ ମନକୁ ଭଲବାଟରେ ଆଣିବା ପାଇଁ ଆଗ୍ରହ କରୁଥିଲା ।

ସେହି ଆଶ୍ରମରେ ଚନ୍ଦ୍ର ବୋଲି ଗୋଟିଏ ପିଲା ଥିଲା । ରଷି ଚନ୍ଦ୍ର ଓ ସୂର୍ଯ୍ୟର ବିବାହ କରାଇ ଦେଇଥିଲେ । ବାହାହୋଇ ଦୁହେଁ ଖୁବ୍ ଖୁସିରେ ରହିଲେ ।

"ଅନାଥ ହେଲେବି ଯଦି ତାକୁ ଜଣେ ଗୁରୁ ମିଳିଗଲା, ତେବେ ସେ ଭାବିନେବା ଉଚିତ୍ ଯେ, ଭଗବାନ ମିଳିଗଲା, ମୁଁ ଭଲପାଠ ପଢ଼ିବି ।"

**Dharmaraj Kusulia**
Class - VIII, Govt. High School,
Budaguda, Dist. Rayagada

# ଡଷ୍ଟବିନ

ଡଷ୍ଟବିନ୍ ଭାଇ ମୁଁ ଯେ ଡଷ୍ଟବିନ୍
ମୋତେ କର ବ୍ୟବହାର
ଏଣେ ତେଣେ କିଆଁ ଫିଙ୍ଗୁଛ ଅଳିଆ
କରୁଅଛ ଅପରିଷ୍କାର ।
ଛିଣ୍ଡା କାଗଜ କି ଛିଣ୍ଡା ପଲିଥିନ୍
ଯାହାଅଛି ତୁମ ପାଖେ
ମୋ ଭିତରେ ଆଣି ପକାଅ ଯତନେ
ସଫାରଖ ଏଣୁ ମୋତେ ।
ହେଉ ବିଦ୍ୟାଳୟ, ମନ୍ଦିର କି ରେଳ
ପାର୍କ ବଜାର କି ରାସ୍ତା
ସଫା ନ ରଖିଲେ ରୋଗରେ ପଡିକି
ହୋଇବା ଆମେ ହୀନସ୍ତା ।
ସର୍ବ ସାଧାରଣ ସ୍ଥାନ ଯେଣୁ ଏହା
ସବୁବେଳେ ସଫା ରହୁ
ସଚେତନ ଯଦି ହୋଇବା ସମସ୍ତେ
ଅଳିଆ ହେବନି ଆଉ
ସୁନ୍ଦର ଆମରି ସବୁଜ ପୃଥିବୀ
ତା' କୋଳେ ଆମରି ଘର
ସଫା ଓ ସୁତୁରା ରଖିବା ଏହାକୁ
ଦାୟିତ୍ୱ ଏହା ଆମର ।

ସୁଶୀଳା ନାଏକ
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ମୟୂରଭଞ୍ଜ






# ବୃକ୍ଷର ଉପକାର

- ବୃକ୍ଷ ଏକ ପରୋପକାରୀ ଉଦ୍ଭିଦ ।
- ବୃକ୍ଷ ମୁଖ୍ୟତଃ ମଣିଷ ଜାତି ପାଇଁ ଉପକାରୀ ।
- ବୃକ୍ଷ ଆମ ଶ୍ୱାସକ୍ରିୟା କରିବାରେ ସାହାଯ୍ୟ କରେ । ବୃକ୍ଷ ଥିଲେ ବର୍ଷା ହୁଏ । ବର୍ଷା ହେବାଦ୍ୱାରା ଫସଲ ଅମଳ ହୁଏ ।
- ବୃକ୍ଷ ଖରାଦିନେ ଆମକୁ ଛାଇ ଯୋଗାଉଛି । ସେ ନିଜେ ଖରା, ବର୍ଷା, ଶୀତ ପରି ଦୁଃଖକୁ ସହି ଆମକୁ ସୁଖ ଦେଉଛି ।
- ବାୟୁମଣ୍ଡଳ ଜରିଆରେ ପୃଥିବୀର ତାପମାତ୍ରାକୁ ଜୀବନର ସ୍ଥାୟୀତ୍ୱ ପାଇଁ ଠିକଣା ଭାବରେ ସ୍ଥିର ରଖିବା ବ୍ୟାପାରରେ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।
- ଭୂପୃଷ୍ଠରେ ନିପତିତ ବର୍ଷାଜଳର ବେଶ୍ କିଛି ଅଂଶକୁ ମୃତ୍ତିକା ଶୋଷଣ କରିନେବାରେ ବୃକ୍ଷ ହିଁ ବିଶେଷ ସହାୟକ ହୋଇଥାଏ ।
- ବୃକ୍ଷ ନଥିଲେ ବର୍ଷାଜଳ ଭୂପୃଷ୍ଠରେ ତୀବ୍ର ବେଗରେ ଧାବିତ ହୋଇ ସମୁଦ୍ରରେ ମିଶିଥାଆନ୍ତି ଏବଂ ଭୂଗର୍ଭସ୍ଥିତ ଜଳାଶୟଗୁଡ଼ିକରେ ବିଶେଷ ପରିମାଣର ଜଳ ପ୍ରବେଶ କରିପାରନ୍ତା ନାହିଁ ।
- ବାୟୁମଣ୍ଡଳର ଶୁଷ୍କତାରେ ହ୍ରାସ ଘଟିବା ଦ୍ୱାରା ତାପମାତ୍ରା ମଧ୍ୟ ନିୟନ୍ତ୍ରିତ ହୁଏ । ଆର୍ଦ୍ରତାରେ ବୃଦ୍ଧି ଘଟିବା ଯୋଗୁଁ ବର୍ଷାର ପରିମାଣ ବଢ଼ିଥାଏ ।
- ଏପରି ଭାବରେ ଜଙ୍ଗଲ ବା ବୃକ୍ଷ ପରିବେଷ୍ଟିତ ଅଞ୍ଚଳରେ ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ସ୍ଥାନୀୟ କାରଣ ଯୋଗୁଁ ବର୍ଷାର ପରିମାଣ ବଢ଼ିଥାଏ ।

ବୃକ୍ଷକୁ କାଟିଲେ ଆମର ହେଉଥିବା କ୍ଷତି

- ବୃକ୍ଷକୁ କାଟିବା ଦ୍ୱାରା ବର୍ଷା ହେଉ ନାହିଁ । ବର୍ଷା ନହେବା ଦ୍ୱାରା ଫସଲ ବଢୁ ନାହିଁ ।
- ବୃକ୍ଷକୁ କାଟିବା ଦ୍ୱାରା ସେଠାରେ ଥିବା ବନ୍ୟଜନ୍ତୁମାନେ କୌଣସି ସ୍ଥାନ ନପାଇ ଆମ ଘର କିମ୍ବା ଫସଲକୁ ନଷ୍ଟ କରୁଛନ୍ତି ।
- ବୃକ୍ଷ ଆମକୁ ଶ୍ୱାସକ୍ରିୟା କରିବାରେ ସାହାଯ୍ୟ କରୁଥିବାରୁ ତାକୁ କାଟିଲେ ଆମ ଶ୍ୱାସକ୍ରିୟା ଅସୁବିଧା ହେବ ।
- ବୃକ୍ଷ ଆମକୁ ଔଷଧ ଯୋଗାଉଛି । ତେଣୁ ବୃକ୍ଷକୁ କାଟିଲେ କୌଣସି ରୋଗ ପାଇଁ ଔଷଧ ମଧ୍ୟ ମିଳିବ ନାହିଁ ।
- ବୃକ୍ଷ ଦ୍ୱାରା ଲାଖ, ଝୁଣା, ମହୁ, ମହୁଲ ଇତ୍ୟାଦି ଜଙ୍ଗଲରୁ ହିଁ ମିଳିପାରିବ । ତେଣୁ ବୃକ୍ଷ ନଥିଲେ ଏହା ମିଳିବା ଅସମ୍ଭବ ।





- ବୃକ୍ଷ ଆମକୁ ଔଷଧ ଠାରୁ ଆରମ୍ଭ କରି ବସ୍ତ୍ର ଓ ବାସଗୃହ ପର୍ଯ୍ୟନ୍ତ ସବୁ ଯୋଗାଉଛି । ବୃକ୍ଷକୁ କାଟି ଲୋକମାନେ ନିଜର ମରଣକୁ ଡାକି ଆଣୁଛନ୍ତି । ବୃକ୍ଷ ନଥିଲେ ମଣିଷ ବଞ୍ଚିବା ଅସମ୍ଭବ ।

- ବୃକ୍ଷ ଆମର ବନ୍ଧୁଭଳି ଆମକୁ ସାହାଯ୍ୟ କରୁଛି । ବୃକ୍ଷଠାରୁ ଅତି ଆପଣାର ବନ୍ଧୁ ଏ ଜଗତରେ କେହି ନାହିଁ ।

- ବୃକ୍ଷର ମହିମା ଅଶେଷ, ଏହା କେବେ ସରିବ ନାହିଁ । ବୃକ୍ଷର କରୁଣା ଆମ ଉପରେ ସର୍ବଦା ରହିବା ଦରକାର । ବୃକ୍ଷର ନଷ୍ଟ ପାଇଁ ମଣିଷମାନେ ହିଁ ବେଶୀ ଦାୟୀ । ତେଣୁ ବୃକ୍ଷ ହିଁ ଜୀବନ ।

**Susri Priyanka Subhadarshini Jena**
Class - VIII, Govt. High School,
Budaguda, Dist. Rayagada



କୈବଲ୍ୟ ମାଝୀ
ଶ୍ରେଣୀ-୬ଷ୍ଠ, ଇ.ଏମ୍.ଆର.ଏସ୍. ନୂଆପଡ଼ା

# ମୋ ଆଇବୁଢ଼ୀ

ମୋ ଆଇବୁଢ଼ୀ, ମୋ ଆଇବୁଢ଼ୀ
ତା' ପାଖରେ ଥାଏ ଗପର ପେଡ଼ି,
ଥରେ ଖୋଲିଦେଲେ ପେଡ଼ି ଚାଙ୍ଗୁଡ଼ି
ଲଙ୍କାରୁ ଅଯୋଧ୍ୟା ଯାଏ ସେ ମାଡ଼ି ।
ବହୁତ ସୁନ୍ଦର ମୋ ଆଇବୁଢ଼ୀ
ଜିନିଷ ପତର ରଖେ ସଜାଡ଼ି,
ଝାଡୁମୁଠା ଧରି ସକାଳ ସଞ୍ଜେ
ବୁଲି ଯାଉଥାଏ ଘର ଓ ବାଡ଼ି ।
ଶୀତଦିନେ ଆଇ ପାରଇ ବଡ଼ି
ଶାଗରେ ପକାଇ ଦିଏ ଖରଡ଼ି,
ତା' ମଜା ପାଟିରୁ ନଯାଏ ଛାଡ଼ି
ପିତା ଶାଗ ଦିଏ ଚୁଲିରେ ପୋଡ଼ି ।

ବିନା ମସଲାରେ ତା' ହାତ ରନ୍ଧା
ଭାଷାରେ କି ମୁହିଁ ପାରିବି ବାଢ଼ି ?
ଭାରି ସ୍ନେହୀ ଅଟେ ମୋ ଆଇବୁଢ଼ୀ
ରୋଗ ବାଧିକାରେ ଥରେ କେ ପଡ଼ିଲେ
ଭୋକ ଶୋଷ ତାର ଯାଏଟି ଛାଡ଼ି
ଖୋଜି ଆଣେ କେତେ ବୁଟି ଓ ଜଡ଼ି ।
ପଥି ଖୋଇଦିଏ ଘଡ଼ିକି ଘଡ଼ି,
ଡାକଇ ବାପାଙ୍କୁ କୁହାଟ ଛାଡ଼ି,
ତା' ସ୍ନେହ ଆଦର ଥରେ ଯେ ପାଇଛି
ମନରୁ କେ କେବେ ପାରିବ କାଢ଼ି ।

**Susri Priyanka Subhadarshini Jena**
Class - VIII, Govt. High School, Budaguda,
Dist. Rayagada



# ଠେକୁଆର ବୁଦ୍ଧି

ଜଙ୍ଗଲ ଭିତରେ ଠେକୁଆଟିଏ ଏକାଏକା ଖେଳୁଥିଲା, ଚରାବୁଲା କରୁଥିଲା । ତାକୁ ଆଦୌ ମଜା ଲାଗୁନଥିଲା । ସେ କିଛି ବନ୍ଧୁ ଯୋଗାଡ଼ କରିବାକୁ ବିଚାରିଲା । ଭାବିଲା ବନ୍ଧୁମାନଙ୍କ ସହ ଆନନ୍ଦରେ ଦିନ କଟିବ ଏବଂ ବିପଦ ଆପଦ ବେଳେ ସେମାନେ ସାହାଯ୍ୟ କରିବେ । ହଠାତ୍ ଦିନେ ଦଳେ ଶିକାରୀ ସେହି ଜଙ୍ଗଲକୁ ଶିକାର କରିବାପାଇଁ ଆସିଲେ । ସାଙ୍ଗରେ ଥାଆନ୍ତି ଦୁଇଟି ବଡ଼ବଡ଼ ଶିକାରୀ କୁକୁର । ଜଙ୍ଗଲ ଭିତରେ ପଶୁ ପଶୁ ସେମାନଙ୍କ ନଜର ଠେକୁଆ ଉପରେ ପଡ଼ିଲା । କୁକୁର ଦି'ଟା ଭୋ ଭୋ କରି ରଡ଼ି ପକାଇଲେ ଯେ ଜଙ୍ଗଲଟା ଥରି ଉଠିଲା । ଠେକୁଆ ଆଡ଼କୁ ଯେତେବେଳେ ସେମାନେ ଝପଟି ଆସିଲେ, ମାରିଲା ଡିଆଁଟାଏ ଯେ କାହିଁ କେତେଦୂରକୁ ପଳାଇଗଲା । ଦେଖିଲା ଘୋଡ଼ାଟିଏ ଠିଆ ହୋଇଛି । ଠେକୁଆ ତା' ପାଖକୁ ଯାଇ କହିଲା ବନ୍ଧୁ ମୋ ପଛରେ ଶିକାରୀ କୁକୁର ଦି'ଟା ଗୋଡ଼ାଇଛନ୍ତି ମାରିବାକୁ । ତୁମ ପିଠିରେ ବସାଇ ଦୂର ସ୍ଥାନକୁ ମୋତେ ନେଇଯାଅ । ନଚେତ୍ ସେମାନେ ମୋତେ ମାରିଦେବେ ।

ଘୋଡ଼ା କହିଲା ସାଙ୍ଗ ତୁମକୁ ସାହାଯ୍ୟ କରିବାପାଇଁ ମୋର ଭାରି ଇଚ୍ଛା, ହେଲେ ମୋ ମାଲିକ ସହରକୁ ଯିବା ପାଇଁ ସଜ ହେଉଛନ୍ତି । ତାଙ୍କୁ ନେଇ ଯିବାକୁ ହେବ । ତୁମର ତ ଅନେକ ବନ୍ଧୁ ଅଛନ୍ତି, ଆଉ କାହାକୁ କୁହ ସେ ତୁମକୁ ସାହାଯ୍ୟ କରିବେ । ଇତି ମଧ୍ୟରେ କୁକୁର ଦୁଇଟା ପାଖେଇ ଆସିଲେଣି । ଜୀବନ ବିକଳରେ ଠେକୁଆ ଦୌଡ଼ିଲା । ବାଟରେ ହରିଣକୁ ଭେଟିଲା । ଠେକୁଆ କହିଲା, ବନ୍ଧୁ ମୋତେ ଶିକାରୀ କୁକୁର ଦୁଇଟା ଖୁବ୍ ଜୋର୍‌ରେ ଗୋଡ଼ାଉଛନ୍ତି । ତୁମ ପିଠିରେ ବସାଇ ମୋତେ ଶୀଘ୍ର କେଉଁ ଆଡ଼େ ନେଇଚାଲ । ନହେଲେ ସେମାନେ ମୋତେ ମାରିଦେବେ । ହରିଣ କହିଲା, ସେମାନେ ତୁମକୁ ଗୋଡ଼ାଉଛନ୍ତି । ମୁଁ ତୁମକୁ ପିଠିରେ ବସାଇ ଦୌଡ଼ିଲେ ମୋତେ ଦେଖିନେବେ । ତୁମକୁ ଛାଡ଼ି ମୋତେ ଗୋଡ଼େଇ ଶିକାର କରିବେ । ମୁଁ ତୁମକୁ ସାହାଯ୍ୟ କରିପାରିବି ନାହିଁ, ଆଉ କାହାକୁ କୁହ ।

ଶିକାରୀ କୁକୁର ଦୁଇଟା ବିକଟାଳ ଶବ୍ଦ କରି ନିକଟତର ହୋଇଗଲେଣି । ପ୍ରାଣ ବିକଳରେ ଠେକୁଆ ଦୌଡ଼ିଲା ଆଗକୁ । ବାଟରେ ଏକ ଗାଇକୁ ଭେଟିଲା । ଠେକୁଆ ନେହୁରା ହୋଇ କହିଲା, ଗାଇ ନାନୀ ମୋତେ ବଞ୍ଚାଅ । ଶିକାରୀ କୁକୁର ମୋତେ ମାରିବାପାଇଁ ଗୋଡ଼ାଉଛନ୍ତି । ମୋତେ ସାହାଯ୍ୟ ନକଲେ ସେମାନେ ମୋତେ ମାରିଦେବେ । ଠେକୁଆ କଥା ଶୁଣି ଗାଇ କହିଲା, ମୁଁ ଜାଣେ କୁକୁରଗୁଡ଼ାକ ଭାରି ଦୁଷ୍ଟ । ସେମାନେ ତୋତେ ଗୋଡ଼ାଉଛନ୍ତି ମାନେ ଛାଡ଼ିବେ ନାହିଁ । ହେଲେ ମୁଁ କ'ଣ କରିବି ? ଛୁଆଟା ମୋର କାଲି ରାତିରୁ ଖାଇ ନାହିଁ । ମାଲିକ ଏବେ ତାକୁ ନେଇ ଆସିବ କ୍ଷୀର ଦୁହିଁବା ପାଇଁ । ମାଲିକ କ୍ଷୀର ନେଇସାରିବା ପରେ ମୋ ଭୋକିଲା ଛୁଆ ଖାଇବ ।

ତୁମକୁ ସାହାଯ୍ୟ କରିବା ପାଇଁ ମୋର ବ... ଇଚ୍ଛା । ତେବେ ତୁମକୁ ଅପେକ୍ଷା କରିବାକୁ ହେ... ଏହି ସମୟରେ କୁକୁରମାନଙ୍କ ଭୋ-ଭୋ ଶ... ପାଖେଇ ଆସିଲା । ଠେକୁଆ ଉପାୟହୀନ ହୋଇ

ଚିନ୍ତା କରି କରି ଦୌଡ଼ିଲା । କିଛି ବାଟ ଗଲାପରେ ଏକ ଭଙ୍ଗା ଇଟା ଗଦା ଦେଖିଲା । ଠେକୁଆ ଦୌଡ଼ିଯାଇ ସେହି ଭଙ୍ଗା ଇଟାଗଦାରେ ଲୁଚି ପଡ଼ିଲା । କୁକୁର ଦୁଇଟି ଭୁକି ଭୁକି ଚାରି ଆଡ଼େ ଖୋଜାଖୋଜି କଲେ । ଠେକୁଆକୁ ନପାଇ ନିରାଶ ହୋଇ ଫେରିଗଲେ । କିଛି ସମୟ ପରେ ଠେକୁଆ ବାହାରକୁ ବାହାରିଲା । ଏଣେତେଣେ ତୀକ୍ଷ୍ଣ ଦୃଷ୍ଟି ପକାଇ ନିଶ୍ଚିତ ହେଲା ଯେ ଶିକାରୀ କୁକୁର ଦୁଇଟି ଚାଲିଯାଇଛନ୍ତି । ସେ ଶାନ୍ତିରେ ନିଃଶ୍ୱାସ ନେଲା । ଗୁଣୁଗୁଣେଇ କହିଲା, ଉପଯୁକ୍ତ ବୁଦ୍ଧି ନଖଟେଇଥିଲେ ଆଜି ତା'ର ଜୀବନ ଯାଇଥାନ୍ତା । ତେଣୁ ସବୁବେଳେ ଅନ୍ୟର ସାହାଯ୍ୟ ଲୋଡ଼ିବା ଅପେକ୍ଷା ନିଜେ ବୁଦ୍ଧି ଖଟେଇବା ଭଲ ।

କୁମାରୀ ଲଭ୍‌ଲି ସୋରେନ୍
ଶ୍ରେଣୀ - ଷଷ୍ଠ
ସାନକରଞ୍ଜିଆ ଆଶ୍ରମ ବିଦ୍ୟାଳୟ



# ଆମ ବିଦ୍ୟାଳୟ

ଆସରେ ଆସ ମୋ ଭଉଣୀ ଭାଇ
ଖୁସି ମନେ ଯିବା ପଢ଼ିବା ପାଇଁ ।
ବିଦ୍ୟାଳୟ ଘର କେଡ଼େ ସୁନ୍ଦର
ସେଠାରେ ରହିଛି ସୁନ୍ଦର ଘର ।
ରୋଷେଇ ଘରରେ ଚାଉଳ ଡାଲି
ରହିଅଛି ଯାହା ଆମରି ଖାଲି ।
ଦରି ପଡ଼ିଅଛି ଚଟାଣ ପରେ
ଧୂଳି ଲାଗିବନି ଆମ ଦେହରେ ।
ମାଗଣା ପୋଷାକ ମାଗଣା ବହି
ପିନ୍ଧିବା ପଢ଼ିବା ଆନନ୍ଦ ହୋଇ ।
ବଗିଚା ଦେଖିଣ ହୋଇବା ଖୁସି
ନାଚିବା ଖେଳିବା ଗାଇବା ମିଶି ।
ମାଡ଼ ଗାଳି ଭୟ ଏଠାରେ ନାହିଁ
ନିର୍ଭୟରେ ପାଠ ପଢ଼ିବା ଯାଇ ।
ଆସରେ ଆସ ସମସ୍ତେ ମିଶି
ବିଦ୍ୟାଳୟ ପଥେ ଯିବା ଆଗେଇ ।
ବିଦ୍ୟାଳୟ ପାଇଁ କରିବା କାମ
ଯେପରି ଆମର ରହିବ ନାମ ।
ଗୁରୁଙ୍କ ଆଦର୍ଶ ଆମେ ମାନିବା
ଭଲ ମଣିଷ ଯେ ଆମେ ହୋଇବା ।

ଅଜୟ କୁମାର ନାଏକ
ଶ୍ରେଣୀ-୬ଷ୍ଠ,
ସାନ କରଞ୍ଜିଆ ଆଶ୍ରମ ସ୍କୁଲ, ମୟୁରଭଞ୍ଜ



ଶ୍ରୀ ଦାଶରଥି ମାଝୀ
ଶ୍ରେଣୀ-୬ଷ୍ଠ, ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦୁମୁଣ୍ଡି

# ଛୋଟ ଜୀବର କାମ ବଡ଼

ଗୋଟିଏ ଗାଁରେ ମାଆ ଓ ପୁଅ ବାସ କରୁଥିଲେ । ପୁଅଟି ପାଠ ପଢ଼ି ନଥିଲା । ତେଣୁ କାମଦାମ କରି ପେଟ ପୋଷୁଥିଲା । ମକର ପର୍ବ ଆସିବାରୁ ମା'ପୁଅକୁ କହିଲା - ପୁଅରେ ମକର ପର୍ବ ତ ପହଞ୍ଚିଲାଣି । ବିଲକୁ ଯାଇ କିଛି କଙ୍କଡ଼ା ଧରି ଆଣ । ତେଣୁ ପୁଅଟି ବିଲକୁ ଯାଇ ଗୋଟିଏ ବଡ଼ କଙ୍କଡ଼ାଟିଏ ଧରିଆଣି ଗୋଟିଏ ହାଣ୍ଡି ଭିତରେ ରଖିଦେଲା । ତା' ଆରଦିନ ସକାଳୁ ଉଠି ଖିଆପିଆ କରି କାମକୁ ବାହାରୁଥାଏ, ସେହି ସମୟରେ ମାଆ ପୁଅକୁ କହିଲା - ପୁଅରେ ହାଣ୍ଡିରେ ଥିବା କଙ୍କଡ଼ାଟିକୁ ତୋ ସାଙ୍ଗରେ ନେଇଯିବୁ । ପୁଅ ମାଆକୁ କହିଲା -ମୁଁ ତାକୁ କାହିଁକି ନେବି ? ମୁଁ କାମ କରିବି ନା ତାକୁ ଜଗିବି । ମୁଁ ନେଇ ପାରିବି ନାହିଁ । ମା' ପୁଅକୁ ବୁଝାଇ କହିଲା - ପୁଅରେ ମୋ କଥା ମାନି ଏହି କଙ୍କଡ଼ାଟିକୁ ନେଇଯା । ତୋର ଉପକାରରେ ଆସିପାରେ । ପୁଅ ମାଙ୍କ କଥାକୁ ମାନି କଙ୍କଡ଼ାଟିକୁ ସାଥିରେ ନେଇ କାମକୁ ଚାଲିଗଲା । ଯାଉଯାଉ ଅଧାବାଟରେ ଥକି ପଡ଼ିବାରୁ ଏକ ଗଛମୂଳରେ ବିଶ୍ରାମ ନେଲା । ବିଶ୍ରାମ ନେଉନେଉ ନିଦ ଆସିବାରୁ ସେ ଗଛମୂଳରେ ଶୋଇପଡ଼ିଲା । ସେ ଶୋଇବା ଅବସ୍ଥାରେ ଗୋଟିଏ ସାପ ପୁଅକୁ ଦେଖି କାମୁଡ଼ିବାକୁ ଆସୁଥିଲା । କଙ୍କଡ଼ା ଏହାଦେଖି ରାଗିଯାଇ ସାପ ସହିତ ଲଢ଼େଇ କଲା ଓ ସାପକୁ ତା ମୁନିଆଁ ଦାନ୍ତରେ କାମୁଡ଼ି ଖଣ୍ଡଖଣ୍ଡ କରିଦେଲା । ପୁଅ ନିଦରୁ ଉଠି ଖଣ୍ଡଖଣ୍ଡ ହୋଇଥିବା ସାପଟିକୁ ଦେଖିଲା ଓ ସେହି କଙ୍କଡ଼ା ଦାନ୍ତରେ ରକ୍ତ ଲାଗିଥିବାର ଦେଖିଲା । ଏହାଦେଖି ଖୁସିହୋଇ କଙ୍କଡ଼ାଟିକୁ ଧରିଆଣି ମାଆକୁ ସବୁକଥା କହିଲା ଓ ମାଆକୁ କ୍ଷମା ମାଗି କହିଲା ମା ତୁମ କଥାକୁ ଯଦି ନମାନି ଥାଆନ୍ତି, ଆଜି ଜୀବନ ହରାଇଥାନ୍ତି । ସେହିଦିନଠୁ ମାଆ, ପୁଅ ଓ କଙ୍କଡ଼ା ସୁଖରେ ଜୀବନ ବିତାଇଲେ ।



ନୀତିଶିକ୍ଷା : ଯାହାକୁ ଆମେ ଅଦରକାରୀ ବୋଲି ଭାବୁ, ସେ ଦିନେନା ଦିନେ ଦରକାରରେ ଆସେ ଓ ମା'ଙ୍କ କଥାକୁ ଯିଏ ଅମାନ୍ୟ କରେ, ସେ ଦିନେ ନା ଦିନେ ମୃତ୍ୟୁମୁଖରେ ପଡ଼େ ।

ଶ୍ରୀ ବିକାଶ ମାର୍ଣ୍ଡି
ସପ୍ତମ ଶ୍ରେଣୀ,
ଖଇର ବଣୀ ଆଶ୍ରମ ବିଦ୍ୟାଳୟ, ମୟୂରଭଞ୍ଜ

# ପରିଶ୍ରମ

ଅଭ୍ୟାସ ନଥାଇ ବେଗଗାମୀ ନଈ
ପହଁରିକେ ପାରେ ନାହିଁ ?
ସଞ୍ଚୟ ନ କରି ଧନୀ କେବେ କିଏ
ହୋଇଛି କି କହ ନାହିଁ ? ।। ୧ ।।

କଣ୍ଟାରେ ଯଦିକା ହାତ ନ ବାଜିଛି
ଗୋଲାପ କି ତୋଳିପାରେ ?
ମୁଣିରେ ହାତକୁ ଭରି କରି କିଏ
ନିଶୁଣିରେ ଚଢ଼ିପାରେ ? ।। ୨ ।।

ଖରାବର୍ଷା ଯେଉଁ ଋଷୀ ସହି ନାହିଁ
ଫସଲ କାହିଁ ପାଇବ ?
ମୁହଁ ଖୋଲି କରି ଶୋଇଥିଲେ ସିଂହ
ଖାଦ୍ୟ କି ଆପେ ଆସିବ ? ।। ୩ ।।

ମହୁମାଛି ଯଦି ମହୁ ସଂଗ୍ରହରେ
ସକାଳୁ ନଯାଏ ଦୂରେ
ଫୁଲରୁ ଫୁଲରୁ ଆପେ ଆସି ମହୁ
ଫେଣା କି ତାହାର ଭରେ ? ।। ୪ ।।

ପରିଶ୍ରମ ବିନା ବଡ଼ କିଏ ଭାଇ
କାଳେ କାଳେ ହୋଇନାହିଁ
ଭଲ ଛାତ୍ର ଆମେ ହୋଇପାରିବାନି
ପାଠ ଯଦି ଧ୍ୟାନ ନାହିଁ ? ।। ୫ ।।

ସାଧନାରୁ ସିନା ସିଦ୍ଧି ହୁଏ ଜାତ
ଏ କଥା ଅଛି ପ୍ରମାଣ
ବାଲ୍ୟ କାଳ ତେଣୁ ସ୍ଥିର ମନ ହୋଇ
ଅରଜିବା ବିଦ୍ୟା ଧନ ।। ୬ ।।

କୁମାରୀ ରାସମଣୀ ନାଗ
ଅଷ୍ଟମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇରଙ୍ଗପୁର





# ହସ କଥା



ଶିକ୍ଷକ କ୍ଲାସ୍‌ରେ ମାଧ୍ୟାକର୍ଷଣ ବଳ ବିଷୟରେ ପଢ଼ାଉଥିଲେ ।
ଚିଣ୍ଟୁ ପଛଧାଡ଼ିରେ ବସି ଢୁଳାଉଥିଲା । ସାର୍ ପଚାରିଲେ ଆରେ ଚିଣ୍ଟୁ, ତୁ କାହିଁକି ଢୁଳାଉଛୁ ?
ଚିଣ୍ଟୁ କହିଲା, ନାଇଁ ସାର୍ ମୋତେ ମାଧ୍ୟାକର୍ଷଣ ବଳ ଟାଣୁଛି ।

କୁମାରୀ ଜ୍ୟୋତିସ୍ମିତା ଗିରି
ଶ୍ରେଣୀ - ଅଷ୍ଟମ (କ)

ଶୀତ - (ପୃଥିବୀ ଠାରୁ ଚାଲିଯିବାକୁ ବାହାରି) ମୁଁ ଏଠାରୁ ଚାଲିଯିବି ।
ମଶା - (ଶୀତକୁ ଦେଖି) ଶୀତ ଭାଇ କୁଆଡେ ଯାଉଛ ?
ଶୀତ - ମୁଁ ପୃଥିବୀ ଛାଡି ଚାଲି ଯାଉଛି ।
ମଶା - (ଚିନ୍ତା କରି କହିଲା କାହିଁକି ଚାଲିଯିବ ?
ଶୀତ - ମୁଁ ଏଠାରେ ରହି କ'ଣ କରିବି ? ଲୋକମାନେ ତ ମୁଁ ଆସିଲା ମାତ୍ରେ ଘୋଡାଇ ହେଉଛନ୍ତି ଏବଂ ଲୋକଙ୍କର ଗୋଡ଼ ହାତ ଫାଟୁଛି । ଏଠି ରହି ଲାଭ କଣ ?
ମଶା - ଭାଇ ତମେ ଚିନ୍ତା କର ନାହିଁ, କାହିଁକି ଚାଲିଯିବ ? ମୁଁ ପରା ଅଛି । ମୁଁ ଯେତେବେଳେ ଲୋକମାନଙ୍କୁ କାମୁଡ଼ିବି ସେତେବେଳେ ତମେ ତାଙ୍କ ଭିତରେ ପଶିଯିବ ।
ଶୀତ - (ଖୁସି ହୋଇ ହସିଲେ) ହାଃ .... ହାଃ .... ହାଃ....

ଲିପିକା ବେହେରା
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦୁମାଡିହି, ମୟୂରଭଞ୍ଜ





# ହସ କଥା



(କ) ଥରେ ଶିକ୍ଷକ ପ୍ରଶ୍ନ କଲେ ଆଚ୍ଛା କହିଲ ଦେଖି ପିଲାମାନେ ହିମାଳୟ ପର୍ବତର ଉଚ୍ଚତା କେତେ ?
ମନୁ - ସଙ୍ଗେ ସଙ୍ଗେ କହିଲା ସାର ୨.୪. ସେ.ମି.
ଶିକ୍ଷକ - ଟିକେ ହସି କହିଲେ କେମିତି ଜାଣିଲୁ ?
ମନୁ - ଆମ ଭୂଗୋଳ ବହିରେ ମାପିଥିଲି ।

(ଖ) ଶିକ୍ଷକ - ଏମିତି ଏକ ବସ୍ତୁର ନାମ କୁହ ଯାହା ଦେଖିପାରୁଥିବ କିନ୍ତୁ ଧରି ପାରିବ ନାହିଁ ।
ପାଣ୍ଡୁ - ସାର୍ ଆପଣଙ୍କର କାନ ।

(ଗ) ଥରେ ରାମ ଏବଂ ହରି ଯାଉଥିଲେ ଯିବାବେଳେ ବାଟରେ ଏକ ନଦୀ ପଡ଼ିଲା ଦୁହେଁ କେମିତି ଯିବେ ଭାବିଲେ ।
ରାମ - ଏହି ଡଙ୍ଗାରେ ନଦୀ ପାରିହେବ ।
ହରି - ଆରେ ଏ ଡଙ୍ଗାରେ ତ କଣା ଅଛି ପାଣି ଗଳୁଛି କେମିତି ପାରିହେବା ।
ରାମ - ଏଥିପାଇଁ ଗୋଟେ ଉପାୟ ଅଛି ।
ହରି - ସେ ଉପାୟଟି କ'ଣ ?
ରାମ - ଡଙ୍ଗାରେ ଆଉ ଗୋଟେ କଣା କରିଦେବା ।

(ଘ) ବାପା ପୁଅକୁ କହୁଛନ୍ତି -
ବାପା - ଆରେ ସାଣ୍ଡୁ ଲୁଚି ଯା' ତୋର ସ୍କୁଲ ମାଷ୍ଟର ବାଡ଼ିଧରି ଏପଟେ ମାଡି ଆସୁଛନ୍ତି ।
ସାଣ୍ଡୁ - ମୁଁ କାହିଁକି ଲୁଚିବ ବରଂ ତୁମେ ଲୁଚିଯାଅ ।
ବାପା - ହେଲେ କାହିଁକି ?
ସାଣ୍ଡୁ - ତୁମେ ମରିଯାଇଛ ବୋଲି ମୁଁ ଦରଖାସ୍ତରେ ୧୦ ଦିନ ପାଇଁ ଛୁଟି ନେଇଛି ।

କୁମାରୀ ପ୍ରମିଳା ପିଙ୍ଗୁଆ
ଶ୍ରେଣୀ - ନବମ
ସୁଲେଇପାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୁଲେଇପାଟ





# ହସ କଥା



ଶିକ୍ଷକ - ଆରେ ପିଲା ତୁମ ନାମ କ'ଣ ?

ପେଣ୍ଟୁ - ଆବେ ତୋ ନାଁ ଆଗେ କହୁନୁ ତା' ପରେ ମୋ ନାଁ କହିବି ।

ଶିକ୍ଷକ - ମୋ ନାଁ ରହିମ୍ ଦାସ୍ ଆଉ ତୁମ ନାମ ?

ପେଣ୍ଟୁ - ମୋ ନାଁ ପେଣ୍ଟୁ ପଣ୍ଡା

ଶିକ୍ଷକ - ଆଉ ତୁମ ବାପାଙ୍କ ନାମ ?

ପେଣ୍ଟୁ - ମୋ ବାପାଙ୍କ ନାମ ଗୁଣ୍ଡା ପଣ୍ଡା

ଶିକ୍ଷକ - ତୋ ବାପା କ'ଣ କରନ୍ତି ?

ପେଣ୍ଟୁ - ମୋ ବାପା ଘୁଷୁରି ଜଗନ୍ତି

ଶିକ୍ଷକ - ଆଛା ପେଣ୍ଟୁ ଆମ ଜିଲ୍ଲାର ନାମ କ'ଣ ?

ପେଣ୍ଟୁ - ସାର୍ ଆମ ଜିଲ୍ଲାର ନାମ କୋରାପୁଟ

ଶିକ୍ଷକ - ପେଣ୍ଟୁ ତୁ ବଡ ହେଲେ କ'ଣ କରିବୁ ?

ପେଣ୍ଟୁ - ମୁଁ ବଡ ହେଲେ ବହୁତ ବଡ ଗୁଣ୍ଡା ହେବି

ଶିକ୍ଷକ - ତୁ ଗୁଣ୍ଡା ହେଲେ କାହାକୁ ଆଗେ ମାରିବୁ ?

ପେଣ୍ଟୁ - ମୁଁ ଆପଣଙ୍କୁ ଆଗେ ମାରିବି ।

ରାଣୀ ମାଣ୍ଡି
ଶ୍ରେଣୀ - ଷଷ୍ଠ
ସୁଲେଇପାଟ ସରକାରୀ ବାଳିକା ମାଧମିକ ବିଦ୍ୟାଳୟ, ଟିକାୟତପୁର



# କିଏ ଆସିଲା

ଟାଇଁ ଟାଇ ଖରା ମୁଣ୍ଡ ଫାଟିଲା
ଗମ୍ ଗମ୍ ଝାଳ ଦେହୁ ବୋହିଲା ।
ନଈ ନାଳ ପାଣି ସବୁ ଶୁଖିଲା
କୁହ ନା ତା ସଙ୍ଗେ କିଏ ଆସିଲା ।।

ସାରୁ ବୁଦା ମୂଳେ ବେଙ୍ଗ ରଡ଼ିଲା
ଗାଁ ଗଣ୍ଡା କ୍ଷେତ ଭସାଇ ଦେଲା ।
ନାଲି ଟୁକୁଟୁକୁ ସାଧବ ବୋହୂର
ଧୀର ଚାଲି ସଙ୍ଗେ କିଏ ଆସିଲା ।।

ଦକ୍ଷିଣା ପବନେ ଦେହ ଥରିଲା
ଚଦର କମ୍ବଳ ଲୋଡ଼ା ପଡ଼ିଲା ।
ବୁଢ଼ା ପାଇଁ ବୁଢ଼ୀ ଧୁନି ଜାଳିଲା
ଟପ୍ ଟପ୍ କାକର କିଏ ଆଣିଲା ।।

ବଉଳର ବାସ ଚହଟି ଗଲା
କୁହୁ କୁହୁ ରାବ କିଏ ଗାଇଲା ।
ଅଭିର ରଙ୍ଗରେ ରଙ୍ଗେଇ ଦେଲା ଯେ
ଜାଣିଛ କି ଭାଇ କିଏ ଆସିଲା ।।

ଶିବନାଥ ମୁଣ୍ଡା
ଷଷ୍ଠ ଶ୍ରେଣୀ
କୁକୁଡ଼ି ମୁଣ୍ଡି ଆଶ୍ରମ ବିଦ୍ୟାଳୟ



# ନାଁଟି ମୋର ଗଛ

ସହିଚି ବରଷା, ବତାସ ମାଡ଼
ହାତଥରା ମାଘମାସର ଜାଡ଼
ବଇଶାଖୀ ଟାଣ ଖରା
ତୁଣ୍ଡ ଖୋଲି ଦିନେ କହିନାହିଁ କା'ରେ
କାହାଣୀ ମୋ ଦୁଃଖଭରା ।

ଦେଇଛି ବାଟୋଇ ଭାଇକୁ ଛାଇ
ଫୁଲ-ଫଳ-ଜାଳ ସବୁରି ପାଇଁ
ତା' ସାଥେ ଅମଳଜାନ
ଦାନୀ ବୋଲି ମନେ ଆଣିନି ଗରିବ
କରି ନାହିଁ ଅଭିମାନ ।

ଟିକିଚଢ଼େଇ ବସା ମୋ କୋଳେ
ପିଲାଛୁଆ ନେଇ ଆନନ୍ଦ ଭୋଳେ
ବସିଚି ତା' ସାଥେ ମିତ
ପର ଭାବି କେବେ ଦେଇନି ଦୂରେଇ
ଶୁଣିଚି ତା ମିଠା ଗୀତ ।

ଡାକିଚି ବଉଦ ଆକାଶରେ ଦେଖି
ଛତାଟିଏ ଧରି ମଥାକୁ ଟେକି
ଧରାକୁ ସବୁଜ କରି
ଖୁସିରେ ହଜିଚି ରୂପରେ ମଜିଚି
ଇର୍ଷାରେ ପରାଇନି ଝରି ।

ଏନ୍ତୁଡ଼ିଶାଳରୁ ମଶାଣିଭୂଇଁ
ସବୁରି ସେବାରେ ରହିଚି ମୁହିଁ
ନାଆଁଟି ମୋହର ଗଛ
କାଟିବା ଆଗରୁ ମୋତେ ତୁ ଭାଇ
ଭାବ ଥରେ ଆଗ ପଛ ।

କୁମାରୀ ବସୁମତୀ ସିଂ
ଶ୍ରେଣୀ - ସପ୍ତମ
ବହୁବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ



କୁମାରୀ ଦୁଲାରୀ ମୁର୍ମୁ
ଶ୍ରେଣୀ-ଅଷ୍ଟମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇରଙ୍ଗପୁର

# ଜୀବନ ବିଦ୍ୟାଳୟ

ଜଣେ ଜମିଦାର ଥିଲେ । ତାଙ୍କର ଥିଲା ଅଚଳାଚଳ ସମ୍ପତ୍ତି । କିନ୍ତୁ ସେ ଥିଲେ ମୂର୍ଖ । ତାଙ୍କର ଗୋଟିଏ ବୋଲି ପୁଅ ଥିଲା । ଜମିଦାରଙ୍କ ପତ୍ନୀ ଚାହୁଁଥିଲେ ପୁଅଟି ବାପଭଳି ନହେଉ । ସେ ଶିକ୍ଷାଦୀକ୍ଷା ଓ ସଂସ୍କାର ପାଇଁ ବଢୁ । ତେଣୁ ସେ ତା' ସକାଶେ ଗୃହଶିକ୍ଷକ ନିଯୁକ୍ତି କଲେ । ଗୃହଶିକ୍ଷକ ଜମିଦାରଙ୍କ ଘରେ ରହି ପୁଅକୁ ପାଠ ପଢ଼ାଇବାର ଦାୟିତ୍ୱ ନେଲେ । କିନ୍ତୁ ମୂର୍ଖ ଜମିଦାରଙ୍କ ନିକଟରେ ବିଦ୍ୟାର ମୂଲ୍ୟ କିଛି ହିଁ ନଥିଲା । ତେଣୁ ସେ ଗୃହଶିକ୍ଷକଙ୍କୁ ବଳକା ସମୟରେ ତାକୁ ବିଭିନ୍ନ କାମରେ ଲଗାଇ ଦେଉଥିଲେ । ତେଣୁ ସେମାନେ କିଛିଦିନ ପରେ ଶିକ୍ଷକତା ଛାଡ଼ି ପଳାଇ ଯାଉଥିଲେ । ଜମିଦାରଙ୍କ ପତ୍ନୀ କିନ୍ତୁ ତାଙ୍କ ମୂର୍ଖ ସ୍ୱାମୀଙ୍କୁ ଏ ବିଷୟରେ ବୁଝାଇପାରୁ ନଥିଲେ । ଦିନେ ଜଣେ ଯୁବକ ଜମିଦାରଙ୍କ ଘରେ ପହଞ୍ଚି ଗୃହଶିକ୍ଷକ ହେବାର ଇଚ୍ଛା ପ୍ରକଟ କଲେ । ଜମିଦାରଙ୍କ ପତ୍ନୀ ବେଶି ଉତ୍ସାହୀ ଦିଶିଲେ ନାହିଁ । କାରଣ ପରିଣାମ କ'ଣ ହେବ ସେକଥା ସେ ଜାଣିଥିଲେ । ଯାହାହେଉ ଦିନ ଗଡ଼ିଚାଲିଲା । ଜମିଦାର ଅଭ୍ୟାସ ମୁତାବକ ଗୃହଶିକ୍ଷକଙ୍କୁ ବଗିଚା କାମ, ବଜାର ସୌଦାଠାରୁ ଆରମ୍ଭ କରି ଅସ୍ତାବଳ ସଫା କରିବା ଯାଏଁ ବିଭିନ୍ନ କାମରେ ଲଗାଇଦେଲେ । ଯୁବକ ଜମିଦାରଙ୍କ ପୁଅକୁ ପାଠ ପଢ଼ାଇବା ବାଦେ ବାକି ସମୟ କାମରେ ଲାଗୁଥିଲେ । କିନ୍ତୁ ତାଙ୍କ ମନରେ ଆବିଳତା ନଥିଲା । ଅନେକ ବର୍ଷ ବିତିଗଲା । ଜମିଦାରଙ୍କ ପୁଅ ବି ଶିକ୍ଷକଙ୍କ ଠାରୁ ଶିକ୍ଷା ପାଇ ଯୋଗ୍ୟ ହେଲେ । ଗୃହଶିକ୍ଷକ ବିଦାୟ ନେବାପାଇଁ ଚାହିଁଲେ । ଜମିଦାରଙ୍କ ପତ୍ନୀ କୃତଜ୍ଞତା ଜଣାଇ କହିଲେ - ଆପଣ କେମିତି ଏତେ ସହିପାରି ଏଠି ରହି ମୋ ପୁଅକୁ ଶିକ୍ଷିତ ଓ ସଂସ୍କାରୀ କରିପାରିଲେ । ଶିକ୍ଷକ କହିଲେ ଆପଣ ବୁଝିପାରିବେନି, ଆପଣଙ୍କ ସ୍ୱାମୀ ମୋ ପାଇଁ କ'ଣ ? ସେ ତ ମୋ। ଗୁରୁ, ତାଙ୍କର କାମ କରିକରି ମୁଁ ଜୀବନ ବିଦ୍ୟାଳୟରୁ ଶିକ୍ଷା ପାଇଲି । ମୁଁ ସତରେ ଏଠି ଏତେ ପ୍ରକାର କଥା ଶିଖିଛି, ଯାହା ଆଉ କେଉଁଠି ଶିଖିବି ନାହିଁ । ଆପଣଙ୍କ ପୁଅ ବିଚକ୍ଷଣ । ସେ ବହିବିଦ୍ୟା ସହିତ ମୋ ସହିତ ରହି ଜୀବନ ବିଦ୍ୟାର ବି ଶିକ୍ଷାଲାଭ କରିଛି । ସମୟ ସବୁବେଳେ ସମାନ ରହେ ନାହିଁ । ମୁଁ ଗଲାବେଳେ ଏତିକି କହିଦେଇ ଯାଉଛି ଖରାପ ସମୟରେ ଆପଣଙ୍କ ପୁଅ ହାରିଯିବ ନାହିଁ । କେବଳ ପୋଥିଶିକ୍ଷା ପାଇଥିଲେ ସେ ହୁଏତ ହାରିଯାଆନ୍ତା ।

ନୀତିଶିକ୍ଷା : ନଦୀ କୂଳରେ ବସି ପହଁରିବା ବାବଦରେ ଭାଷଣ ଦେବା ସହଜ, କିନ୍ତୁ ପହଁରିବାକୁ ଓହ୍ଲାଇଲେ କଥା ବନ୍ଦ ହୋଇଯାଏ ।

କୁମାରୀ ଜ୍ୟୋସ୍ନା ପା
ସପ୍ତମ ଶ୍ରେଣୀ,
ବହୁବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ମୟୁରଭଞ୍ଜ

# ଭୁଲିବୁ ନାହିଁ

ଧନ୍ୟ ତୁମେ ମାତା ଧନ୍ୟ ତୁମେ ପିତା
ତୁମସମ କେହି ନାହିଁ,
ଜନମ ଦେଇଛ ଯତନେ ପାଳିଛ
ଆମେ ତା' ଭୁଲିବୁ ନାହିଁ ।


କର୍ତ୍ତବ୍ୟ ପାଳନ କରିବୁ ଆମେରେ
ଧନ ଯଶ ଲାଭ ପାଇଁ,
କାପୁରୁଷ ପରି ଭାଗ୍ୟକୁ ଆଦରି
ଦୁଃଖତ ଭୋଗିବୁ ନାହିଁ ।

ସାଧୁସନ୍ଥ ସଙ୍ଗେ ବାସ ଯେ କରିବୁ
ସୁଶିକ୍ଷା ପାଇବା ପାଇଁ,
ହୀନଜନ ଠାରୁ ଦୂରେଇ ରହିବୁ
କୁଶିକ୍ଷା ଲଭିବୁ ନାହିଁ ।

ବିଦ୍ୟା ଆମ ମିତ ବିଦ୍ୟା ଆମ ବଳ
ବିଦ୍ୟା ତ ସବୁରି ଧର୍ମ,
ନବୁଝି ଏହାକୁ ଅବୁଝା ହୁଏ ଯେ
ମୂର୍ଖ ହୁଏ ସେହି ଜାଣ ।

ପର ଦୁଃଖ ଦେଖି କାତର ହୋଇଲେ
ମଣିଷରେ ହେବୁ ଗଣା,
ପରହିତ ଲାଗି ଜୀବନ ତେଜିଲେ
ଗୁଣ ହେବ ଆମ ଜଣା ।

କୁମାରୀ କାର୍ମି କିସ୍କୁ
ଅଷ୍ଟମ ଶ୍ରେଣୀ
ବହୁବନ୍ଧ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ମୟୂରଭଞ୍ଜ




**ବିଷ୍ଣୁ ଗୋରାହାଣ୍ଡିଆ, ସପ୍ତ ଶ୍ରେଣୀ**

# ଗାନ୍ଧିଜୀଙ୍କ ରେଳଯାତ୍ରା

ଗାନ୍ଧିଜୀ ଥରେ ରେଳରେ ପ୍ରୟାଗ ଯାଉଥିଲେ । ସେଦିନ ଜୋର୍‌ରେ ବର୍ଷା ହେଉଥିଲା । ସେ ବସିଥିବା ଡବା ବହୁତ ପୁରୁଣା ହୋଇଯାଇଥିବା କାରଣରୁ ପାଣି ଗଳି ଡବାର ଏକତ୍ର ହୋବାକୁ ଲାଗିଲା । ପାଣି ବହୁତ ହୋଇଯିବାରୁ କିଏ ଜଣେ ଯାଇ ଗାର୍ଡକୁ ସେକଥା ଜଣାଇଲା ଏବଂ ସେ ଡବାରେ ଗାନ୍ଧୀଜୀ ବସିଥିବା କଥା ବି ଜଣାଇଲା । ଗାର୍ଡ ତୁରନ୍ତ ସେଠାକୁ ଯାଇ ଗାନ୍ଧିଜୀଙ୍କୁ ନେଇ ଅନ୍ୟ ଡବାରେ ବସାଇବା କଥା କହିଲେ । ଗାନ୍ଧିଜୀ ପଚାରିଲେ ଏଇଟା କ'ଣ ଖାଲିଯିବ ? ଗାର୍ଡ କହିଲା, ନା, କିନ୍ତୁ ଆପଣଙ୍କୁ ଅନ୍ୟମାନଙ୍କ ସହ ତୁଳନା କରିପାରିବି ନାହିଁ । ଗାନ୍ଧିଜୀ କହିଲେ, ମୁଁ ଅନ୍ୟ ଡବାକୁ ଯିବି ନାହିଁ, କାରଣ ସେଠାରେ ମୁଁ ଆରାମ୍‌ରେ ବସିଲେ ସୁଦ୍ଧା ଏଠାରେ ବସିଥିବା ଲୋକଙ୍କ କଥା ଚିନ୍ତାକରି ମୁଁ ଶାନ୍ତି ପାଇପାରିବି ନାହିଁ । ତାହା ଭିଜିବାଠୁ ବଳି କଷ୍ଟଦାୟକ ହେବ । ଏଣୁ ଯଦି ଆପଣ ଚାହାନ୍ତି ଯେ ମୁଁ ଆରାମ୍‌ରେ ଯାତ୍ରାକରେ, ତେବେ ଆପଣ ମୋ ଭଳି ସମସ୍ତଙ୍କ ପାଇଁ ସୁବିଧା ବ୍ୟବସ୍ଥା କରନ୍ତୁ ।




ଜ୍ୟୋସ୍ନା ଗମାଙ୍ଗ
ପଞ୍ଚମ ଶ୍ରେଣୀ,
ଦଶମନ୍ତପୁର ସେବାଶ୍ରମ
ବ୍ଲକ୍ - ଗୁଣୁପୁର,
ଜିଲ୍ଲା - ରାୟଗଡ଼ା

# ଅପଢ଼ା ପାଠ

## ଜୀବନ

ଜୀଇଁ ରହିକରି ଏଇ ଧରା ପରେ
ବିତରିବା ପାଇଁ ବାସ
ସମାଜରେ ଶ୍ରେଷ୍ଠ ଜୀବ ରୂପେ ପରା
ଜନମିଛି ଏ ମଣିଷ । ୦ ।
ବଞ୍ଚି ରହିକରି ସଂସାର ବକ୍ଷେ
ଝରାଇ ହସର ମହୁ
ହସାଇ ପାରେ ଯେ ସକଳ ପରାଣ
ମଣିଷ ପରା ଯେ ସେହୁ । ୧ ।
ନର ଦେହଧାରୀ ନାରାୟଣ ପରା
ନ ମଣିବ ବୋଲି ହୀନ
ନରକରୁ ସେହୁ କରିବ ଉଦ୍ଧାର
ନ ହୋଇ ଚଞ୍ଚଳ ମନ । ୨ ।

## ମରଣ

ମଦ ମତ୍ତ ପରି ଦିନେ ହେଉଥିଲୁ
ସଂସାର ଭିତରେ ଘାଣ୍ଟି
ହରିନାମ ଭୁଲି ସୁନ୍ଦରୀ ପ୍ରେମରେ ମାତିଲୁ
କାଳ ଚିପି ଧରିଛି ତୋ ତଣ୍ଟି । ୦ ।
ରହିନାହିଁ କା'ର ଗର୍ବ ଅହଂକାର
ସଂସାରଟା ରଙ୍ଗ ମଞ୍ଚ
ସମସ୍ତଙ୍କୁ ଦିନେ ଗ୍ରାସିଛି କାଳ
ପୋଡିଛି ଜୁଇ ନିଆଁର ଆଞ୍ଚ । ୧ ।
ଶ (ନ) ନର ଦେହେ ବିଜେ ନାରାୟଣ ପରା
'ନ'ରେ ନରକ ଭୋଗ
ନୁହେଁ କିଛି ତୋର ନାହିଁ କିଛି ତୋର
ନ ଥିଲା ବି ତୋର ସୁଖ ସ୍ୱର୍ଗ । ୨ ।

## ସମୟ

ସବୁକାମ କର ଠିକ୍ ଠିକ୍ ରୂପେ
ସବୁଠି ରଖ ନଜର
ସମସ୍ତେ କରିବେ ଡକାଶୁଣ ତୁମ
ସଭିଏଁ କରିବେ ଆଦର । ୦ ।
ମନ୍ଦ କଥା ଶୁଣି ଖୁସି ହୁଅ ନାହିଁ
ମନ୍ଦ କଥା କୁହ ନାହିଁ
ମନ୍ଦ ଦୃଶ୍ୟ ଦେଖି ଖୁସି ହେବା ପାଇଁ
କେହି ଜନ୍ମ ହୋଇ ନାହିଁ । ୧ ।
ୟ (ଯ) ଯଶ ଆଉ ମାନ ଖୋଜିଲେ ମିଳେନା
ଭଲ କାମେ ଆପେ ମିଳେ
ଭଲ କାମ କରି ଟେକ ରଖିବାକୁ
ଜନମିଛ ଧରା କୋଳେ ।୨ ।

## ମଣିଷ

ମରୁଥାଉ ନିତି ପର ପାଇ ତୁହି
ନିଜକୁ ଦେଇ କଷ୍ଟ
ଆଜି ନ ହେଲେ ବି କାଲିକି ଭାବିବୁ
ହୋଇଗଲୁ ତୁହି ନଷ୍ଟ । ୦ ।
ଣି(ନି) ନିଜ ରକତକୁ ପାଣି କରି ତୁହି
ପରର ଗୋଲାମି କରୁ
କାଲିକି ଦେଖିବୁ ନିଜ ଆଖିରେ ନିଜେ
ସେହି ଛୁରୀ ମାରୁଛି ପଛରୁ ।୧ ।
ଷଡାନନ ଭଳି ନିଜକୁ ଭାବୁଛୁ
ତୁହି ଦୁର୍ଜୟ ବୀର
ଆଜି ନ ହେଲେ ବି କାଲିକି ନିଶ୍ଚୟ
ନଇଁ ଯିବ ତୋର ଶିର । ୨ ।

ଶ୍ରୀ ସତ୍ୟ ରଞ୍ଜନ ବେହେରା, କମ୍ପ୍ୟୁଟର ଶିକ୍ଷକ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

# ସାଥୀ ପାଇଁ ଭଲ ଚିଜ



କୁମାରୀ ଜୟଶ୍ରୀ ହେମ୍ବ୍ରମ୍
ଶ୍ରେଣୀ-ଦଶମ

ସାଧାରଣତଃ ଦେଖାଯାଇଥାଏ ଯେ ଯାହା ନିଜକୁ ଭଲ ନଲାଗେ, ତାହା ଅନ୍ୟକୁ ଦିଆଯାଇଥାଏ । କିନ୍ତୁ ଏଥିରେ ଦାନର ସାର୍ଥକତା ନଥାଏ । ଯାହା ନିଜର ଅତ୍ୟନ୍ତ ପ୍ରିୟ ତାହା ଅନ୍ୟକୁ ଦେଲେ ସେଥିରେ ସମର୍ପଣର ମହାନତା ଥାଏ । ମା' ପୁଅକୁ ଦୁଇଟି ଲଡୁ ଦେଇ କହିଲେ, ଏଥିରୁ ଯେଉଁଟି ତୋତେ ଭଲ ଲାଗିବ, ସେଇଟା ଖାଆ ଏବଂ ଅନ୍ୟଟି ତୋର ବନ୍ଧୁକୁ ଦେଇଦେ । ମିତ୍ରଟି ଅନ୍ୟ କେହି ନୁହେଁ ଘରର ଚାକରାଣୀର ପୁଅ । ବାଳକଟି ବଡ଼ ଲଡୁଟିକୁ ମିତ୍ରକୁ ଦେଇ ଛୋଟଟି ନିଜେ ଖାଇଲା । ମା' ପଚାରିଲେ ତୁ ଏ କ'ଣ କଲୁ ? ପୁଅ କହିଲା ମୋତେ ଯାହା ଅତି ଭଲ ଲାଗିଲା ତାହା ମୁଁ ମୋର ମିତ୍ରକୁ ଦେଲିଦେଲି । ଅନ୍ୟମାନଙ୍କୁ ଭଲ ଜିନିଷ ସବୁ ଦେବାକଥା ନା । ବାଳକଟିର ନାମ ମହାଦେବ ଗୋବିନ୍ଦ ରାନାଡେ, ଯିଏ ପରବର୍ତ୍ତୀ କାଳରେ ବିଚାରପତି ହେଲେ ।

ଶାନ୍ତି କୁମାରୀ ଶବର
ପଞ୍ଚମ ଶ୍ରେଣୀ, ଦଶମନ୍ତପୁର ସେବାଶ୍ରମ
ବ୍ଲକ୍ - ଗୁଣୁପୁର, ଜିଲ୍ଲା - ରାୟଗଡ଼ା

# ଇଟିକିଲି ମିଟିକିଲି

(୧)
ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ପିଲାମାନେ ତୁମେ କେବେ ହସ ଲଡୁ ଖାଇଚ
ହସ ଲଡୁ ଖାଇବାକୁ ଲାଗେ ଭାରି ବଢ଼ିଆ
ତିଆରି କରେ ନା ତାକୁ କେଉଁ ଗୁଡ଼ିଆ

(୨)
ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ମିଠାକଥା କହି ତୁମେ ମନ କାର ଛୁଇଁଚ
ମିଠା କଥା ନିମିଷକେ ଖଟାଟାକୁ ଦୁରାଏ
ଖଟା କଥା ନୟନରୁ ଲୁହ ଖାଲି ଝରାଏ

(୩)
ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ଗପ ଶୁଣି ତୁମେ କେବେ ଆଈକୋଳେ ଶୋଇଚ
ଆଈ କୋଳରେ ତୁଳାପରି ଲାଗେ ଭାରି ନରମ
ମିଠା ମିଠା ଗପ ତାର ଛୁଇଁଯାଏ ମରମ



(୪)
ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ବାପା ମା'ଙ୍କ ଗାଳି ତୁମେ କେବେ ସହିଚ
ବାପା ମା' ଆମ ଭଲ ପାଇଁ ଗାଳି ଦିଅନ୍ତି
ଗାଳି ଦେଇ ଆଦରରେ କୋଳେ ପୁଣି ନିଅନ୍ତି

କୁମାରୀ ନମିତା ସିଂ
ଶ୍ରେଣୀ-ସପ୍ତମ
ବହୁବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ

# ବେଦ - ଏକ ଅବଲୋକନ

ଉପକ୍ରମଣିକା

ବେଦ କାହାକୁ କୁହାଯାଏ ? ଏହାର ଏକ ସିଧା ଉତ୍ତର ହେଉଛି ଜ୍ଞାନ । ସଂସ୍କୃତରେ ବିଦ୍ ଧାତୁରୁ ବେଦ ଶବ୍ଦ ଉତ୍ପନ୍ନ, ଯାହାର ଅର୍ଥ ଜାଣିବା ବା ଜ୍ଞାନ । ପ୍ରକୃତି ଗର୍ଭରେ ଯାହାକିଛି ଲୁଚି ରହିଛି ଏବଂ ପ୍ରକୃତିରୁ ଅତୀତ ହୋଇ ଯେଉଁ ଅଲୌକିକ ଅଦୃଷ୍ଟ ଓ ଅବ୍ୟକ୍ତ ତତ୍ତ୍ୱ ରହିଛି ତାହାକୁ ବେଦ ଜଣାଇଥାଏ । ଏକ କଥାରେ କହିବାକୁ ଗଲେ ବେଦରୁ ଲୌକିକ ଓ ଅଲୌକିକ ଅର୍ଥାତ୍ ଭୌତିକ ଏବଂ ଆଧ୍ୟାତ୍ମିକ ଉଭୟ ପ୍ରକାର ଜ୍ଞାନ ମିଳିଥାଏ । ଶ୍ରୁତି, ଛନ୍ଦସ, ଆମନାୟ, ବ୍ରହ୍ମ ଏସବୁ ବେଦର ପର୍ଯ୍ୟାୟବାଚୀ ନାମ । ବର୍ତ୍ତମାନ ହିନ୍ଦୁଧର୍ମ ନାମରେ ନାମିତ ଏହି ସନାତନ ବା ଆର୍ଯ୍ୟଧର୍ମ ବେଦ ଓ ଏହାର ଉପଦେଶ ଉପରେ ଦଣ୍ଡାୟମାନ ହୋଇଅଛି । ଏକଦା ଭାରତ କାହିଁକି ସାରାବିଶ୍ୱରେ ଭାରତରୁ ଏହି ବୈଦିକ ସଭ୍ୟତା ଓ ସଂସ୍କୃତି ପ୍ରସାରିତ ହୋଇଥିଲା । ଗ୍ରୀକ୍, ମିଶର, ବେବିଲୋନ୍, ରୋମ୍, ମହେଞ୍ଜୋଦାର ପ୍ରଭୃତି ଯେଉଁ ସଭ୍ୟତାଗୁଡ଼ିକ ଲୋପ ପାଇଯାଇଅଛି ସେହି ସଭ୍ୟତାଗୁଡ଼ିକର ମଧ ଏହି ବୈଦିକ ଧର୍ମ ଓ ସଂସ୍କୃତିର ହିଁ ପ୍ରଭାବ ପଡ଼ିଥିଲା । ତେଣୁ ଏହାକୁ ସନାତନ ଧର୍ମ ବୋଲି କହିବାର ଯଥାର୍ଥତା ରହିଛି ।

ବେଦର ପ୍ରାମାଣିକତା

ପ୍ରତ୍ୟେକ ଧର୍ମ ଏକ ନିର୍ଦ୍ଦିଷ୍ଟ ଦେଶରେ, ଏକ ନିର୍ଦ୍ଦିଷ୍ଟ କାଳରେ, ଏକ ନିର୍ଦ୍ଦିଷ୍ଟ ପ୍ରବକ୍ତା ବା ପ୍ରଭୁପୁତ୍ର ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଗ୍ରନ୍ଥରେ ଉଲ୍ଲିଖିତ ହୋଇ ରହିଥିବାର ପ୍ରମାଣ ମିଳେ । କିନ୍ତୁ ବେଦର ଉତ୍ପତ୍ତିକୁ ନେଇ କୌଣସି ଦେଶ, କାଳ, ବ୍ୟକ୍ତି ବା ଗ୍ରନ୍ଥ ନିର୍ଦ୍ଦିଷ୍ଟଭାବେ ରହିନଥିବାରୁ ବେଦକୁ ବ୍ୟକ୍ତି ବା ପୁରୁଷକୃତ ନୁହେଁ ଅର୍ଥାତ୍ ଏହାକୁ ଅପୌରୁଷେୟ ବୋଲି ମାନିବାକୁ ବାଧ । ଏହା ସୃଷ୍ଟି ରଚନା ସହ ସତ୍ତ୍ୱ ବିକଶିତ ହୋଇଅଛି । ସୃଷ୍ଟି ରଚନା ଯଦି କୌଣସି ଅଲୌକିକ ସତ୍ତା ଦ୍ୱାରା ହୋଇଥାଏ ତେବେ ବେଦ ମଧ୍ୟ ତାଙ୍କରି ଦ୍ୱାରା ସୃଷ୍ଟ ସହ ଜାତ । ଯଦି ସୃଷ୍ଟି ତତ୍ତ୍ୱ ଉତ୍ପତ୍ତି ହୋଇଥାଏ ତେବେ ମଧ ବେଦ ସେହି ସମୟରୁ ହିଁ ବିକଶିତ । ଅତଏବ ବେଦ ଅପୌରୁଷେୟ । ବେଦ ହେଉଛି ଜ୍ଞାନର ଏକ ଦିବ୍ୟ ଭଣ୍ଡାର । ଏହା ନିତ୍ୟ, ଅପରିବର୍ତ୍ତନୀୟ ଓ ସୃଷ୍ଟି ରହିବା ପର୍ଯ୍ୟନ୍ତ ଏହାର ବିଦ୍ୟମାନତା ରହିଛି । ତେଣୁ ଏହା ଯୁଗୋପଯୋଗୀ । ଏହାର ପ୍ରୟୋଜନ ସବୁଦେଶ, ସବୁକାଳ ଏବଂ ସବୁ ବ୍ୟକ୍ତି ପାଇଁ ସମାନ ଭାବରେ ରହିଛି । ଏହା କେବଳ ହିନ୍ଦୁଙ୍କ ପାଇଁ ନୁହେଁ ଅଧିକନ୍ତୁ ବିଶ୍ୱର ମାନବ ସଭ୍ୟତା ଓ ମାନବ ଜାତି ନିମନ୍ତେ ଉଦ୍ଦିଷ୍ଟ । ଆଜି ପର୍ଯ୍ୟନ୍ତ କୌଣସି ସମ୍ପ୍ରଦାୟ, ଗୋଷ୍ଠୀ ବା ଜାତି ବେଦର ରଚୟିତା ରୂପରେ ସେମାନଙ୍କର ପୂର୍ବପୁରୁଷଙ୍କୁ ଦାବି କରିପାରି ନାହାନ୍ତି । ଅଥବା କୌଣସିଠାରେ ବେଦର ରଚୟିତା କେହି ହୋଇବାର ପ୍ରମାଣ ମଧ୍ୟ ମିଳେ ନାହିଁ ।

ବେଦର ସୃଷ୍ଟି ଓ ଏହାର ବିଭାଜନ

ବେଦ ଏକ ଅଖଣ୍ଡ ଜ୍ଞାନର ଭଣ୍ଡାର ଯୋଗୁଁ ଏହା ସୃଷ୍ଟି ପ୍ରାରମ୍ଭରେ ଅର୍ଥାତ୍ ସତ୍ୟଯୁଗରେ ବିକଶିତ ହୋଇଥିଲା । ପୁରାତନ ଶାସ୍ତ୍ରଗୁଡ଼ିକ ଅନୁଶୀଳନ କଲେ ଏକଥା ଜଣାପଡ଼େ ଯେ ବେଦର ମନ୍ତ୍ର

ସଂଖ୍ୟା ୧୦୦୦୦୦ ଅଟେ।। ଏହି ମାତ୍ର ୧୦୦୦୦୦ ମନ୍ତ୍ର ସମୁଦାୟ ସୃଷ୍ଟି ରହସ୍ୟକୁ ପ୍ରକଟିତ କରୁଥିବାରୁ ଏହା ଦୁର୍ବୋଧ ବା ବୁଝିବା କଠିନ ହେବା ସ୍ୱାଭାବିକ । ଅତଏବ ଏହି ସମୁଦାୟ ଜ୍ଞାନ ସୂତ୍ର ଆକାରରେ ଅର୍ଥାତ୍ ସଂକ୍ଷିପ୍ତ ବାକ୍ୟରେ ଲିପିବଦ୍ଧ ହେବା ମଧ୍ୟ ସ୍ୱାଭାବିକ ହିଁ ଅଟେ । ଆମ୍ଭମାନଙ୍କୁ ଶୁଣି ଆଶ୍ଚର୍ଯ୍ୟ ଲାଗେ ଯେ ବେଦରେ ଥିବା ମନ୍ତ୍ରଗୁଡ଼ିକର ସଙ୍କଳକ ଋଷିମାନଙ୍କର ସଂଖ୍ୟା ୩୦୦ରୁ ଅଧିକ । ସୃଷ୍ଟି ଆଦ୍ୟରେ ଏହି ତ୍ୟାଗୀ, ବିଶ୍ୱହିତୈଷୀ ଋଷିମାନେ ଏହି ସୃଷ୍ଟି ରହସ୍ୟ ଜାଣିବା ନିମନ୍ତେ ଯେତେବେଳେ ଗଭୀର ଭାବରେ ଧ୍ୟାନମଗ୍ନ ହେଲେ ସେତେବେଳେ ଆକସ୍ମିକ ଭାବରେ ସେମାନଙ୍କ ମୁଖରୁ ଏହି ବେଦମନ୍ତ୍ରଗୁଡ଼ିକ ଝଙ୍କୃତ ହୋଇଥିଲା । ଆହୁରି ମଧ୍ୟ ଆଶ୍ଚର୍ଯ୍ୟର କଥା ସେହି ଏକ ମନ୍ତ୍ର ଭିନ୍ନଭିନ୍ନ ସ୍ଥାନରେ ଥିବା ଋଷିମାନଙ୍କର ହୃଦୟକୁ ଭିନ୍ନଭିନ୍ନ ସ୍ୱରରେ ଗୁଞ୍ଜରିତ ବା ପ୍ରକଟିତ ହୋଇଥିଲା । ଅତଏବ ଏହି ଋଷିମାନେ ମଧ୍ୟ ବେଦମନ୍ତ୍ରର ରଚୟିତା ବା ପ୍ରବକ୍ତା ନୁହନ୍ତି । କିନ୍ତୁ ମନ୍ତ୍ରକୁ ସାକ୍ଷାତ୍ କରିଥିବା ଆଦିଋଷି ବା ପ୍ରଥମଋଷି ମାତ୍ର ଅଟନ୍ତି । ଏହି ବେଦକୁ ବ୍ରହ୍ମା ଚାରିଭାଗରେ ବିଭକ୍ତ କରି ଅଗ୍ନି, ବାୟୁ, ସୂର୍ଯ୍ୟ ଓ ଅଙ୍ଗିରା ନାମକ ଚାରୋଟି ଋଷିଙ୍କୁ ପ୍ରଦାନ କଲେ । ଏହା ଯଥାକ୍ରମେ ଋକ୍‌ବେଦ, ଯଜୁଃବେଦ, ସାମବେଦ, ଅଥର୍ବବେଦ ନାମରେ ନାମିତ ହେଲା । ଋକ୍ ଅର୍ଥ ରଚା ଅର୍ଥାତ୍ ସ୍ତୁତି । ଏହା ନିର୍ଦ୍ଦିଷ୍ଟ ପାଦଯୁକ୍ତ, ଅର୍ଥ ସମନ୍ୱିତ, ଛନ୍ଦବୋଧ ମନ୍ତ୍ର । ଏଥିରେ ଦଶଟି ମଣ୍ଡଳ ରହିଛି । ଆଠଟି ଅଷ୍ଟକ ରହିଛି । ପ୍ରତ୍ୟେକ ଅଷ୍ଟକରେ ଆଠଟି ଅଧ୍ୟାୟ ରହିଛି । ପ୍ରତ୍ୟେକ ଅଧ୍ୟାୟରେ କେତୋଟି ବର୍ଗ ରହିଛି । ପ୍ରତ୍ୟେକ ବର୍ଗରେ ପ୍ରାୟ ପାଞ୍ଚପାଞ୍ଚଟି ରଚା ରହିଛି । ପ୍ରତ୍ୟେକ ରଚାରେ କେତୋଟି ମନ୍ତ୍ର ରହିଛି । ଏହି ଋକ୍‌ର ଜ୍ଞାତାକୁ ଆଚାର୍ଯ୍ୟ କୁହାଯାଏ । ସମୁଦାୟ ଋକ୍‌ବେଦ ଗଦ୍ୟ ଆକାରରେ ଲିଖିତ ।

ଯଜତି ଏନ ଯଜୁ । ଅର୍ଥାତ୍ ଯେଉଁ ମନ୍ତ୍ର ଦ୍ୱାରା ଯଜ୍ଞ, ଅର୍ଚ୍ଚନା, ପୂଜା କରାଯାଏ, ତାହାକୁ ଯଜୁ କୁହାଯାଏ । ଏହି ମନ୍ତ୍ରଗୁଡ଼ିକ ଗଦ୍ୟ ଓ ପଦ୍ୟ ଉଭୟାତ୍ମିକା । ଯଜୁଃବେଦ ଦ୍ୱାରା ବିଶେଷ କରି ହବନ ବା ଯଜ୍ଞ କରାଯାଏ । ଏହି ଯଜୁଃବେଦରେ ୪୦ଟି ଅଧ୍ୟାୟ ରହିଛି । ଏହା କୃଷ୍ଣ ଯଜୁଃବେଦ ଓ ଶୁକ୍ଳ ଯଜୁଃବେଦ ନାମରେ ଦୁଇଭାଗରେ ବିଭକ୍ତ । ପ୍ରାୟ ଭାରତବର୍ଷର ଦାକ୍ଷିଣାତ୍ୟରେ କୃଷ୍ଣ ଯଜୁଃବେଦ ଓ ଉତ୍ତର ଭାରତରେ ଶୁକ୍ଳ ଯଜୁଃବେଦର ପ୍ରଚଳନ ହୋଇଥାଏ । କୃଷ୍ଣ ଯଜୁଃବେଦର ପ୍ରବକ୍ତା ଯାଜ୍ଞବଲ୍କ ଋଷି । ଏହି ବେଦର ଜ୍ଞାତାକୁ ଯାଜକ ବା ଅଧ୍ୱର୍ଯ୍ୟ କୁହାଯାଏ ।

ସିନତି ସ୍ମରନ୍ ଇତି ସାମ । ଅର୍ଥାତ୍ ବେଦମନ୍ତ୍ରଗୁଡ଼ିକୁ ସୁସ୍ୱରରେ ଗାନ କରିବାକୁ ସାମ କୁହାଯାଏ । ଏହି ସାମ ଗାନରେ ଗାନ, ତାଳ, ଛନ୍ଦ, ଯମକ, ଜ୍ୟୋତି, ଅନୁପ୍ରାସ ପ୍ରଭୃତି ବିଧାନ ଅନୁସରଣ ହୋଇଥାଏ । ଏହା ପୂର୍ବାଚିବ ଓ ଉତ୍ତରାର୍ଚିବ ନାମକ ଦୁଇଭାଗରେ ବିଭକ୍ତ । ଏହାର ଜ୍ଞାତାକୁ ହତା ବା ଋତିକ ବା ଉଦ୍‌ଗାତା ବୋଲି କୁହାଯାଏ ।

ଅର୍ବତି (ଚରିତି) କର୍ମ ତତ୍ ପ୍ରତିଷେଧ ଅଥର୍ବ ଅର୍ଥାତ୍ ଏଥିରେ କର୍ମକୁ ନିଷେଧ କରି ଜ୍ଞାନ ସମ୍ବନ୍ଧରେ ବର୍ଣ୍ଣନା ଥିବାରୁ ଏହାକୁ ଅଥର୍ବ ବେଦ କୁହାଯାଏ । ଏଥିରେ ବିଶେଷ ଜ୍ଞାନ ଚର୍ଚ୍ଚା ରହିଛି । ଅର୍ଥାତ୍ ଋକ୍‌ବେଦରେ ଯେଉଁ ଦେବତାମାନଙ୍କୁ ସ୍ତୁତି ଓ ପ୍ରାର୍ଥନା କରାଯାଇଛି, ଯଜୁଃବେଦରେ ଯେଉଁ ଦେବତାମାନଙ୍କୁ ଉପାସନା କରାଯାଇଛି,

ସାମବେଦରେ ଯେଉଁ ଦେବତାମାନଙ୍କର ମହିମା ଗାନ କରାଯାଇଛି, ଅଥର୍ବ ବେଦରେ ସେହି ଦେବତାମାନଙ୍କର ସ୍ୱରୂପ ଜ୍ଞାନ ବିଷୟରେ ଚର୍ଚ୍ଚା କରାଯାଇଛି । ଏହି ବେଦର ଅପର ନାମ ବ୍ରହ୍ମବେଦ । ଅନ୍ୟ ଏକ ଅର୍ଥରେ କୁଟିଳତା ବା ହିଂସାକୁଥର୍ବ କେହି କୁହାଯାଏ । ତାହାର ନିରାକରଣ ଏହି ବେଦରେ କରାଯାଇଥିବାରୁ ଏହାର ନାମ ଅଥର୍ବ ବେଦ । ଏହି ବେଦର ଜ୍ଞାନକୁ ବ୍ରହ୍ମ ବୋଲି କୁହାଯାଏ । ଏଥିରେ ଆତ୍ମରକ୍ଷା ପାଇଁ ତନ୍ତ୍ର ପ୍ରୟୋଗ, ରୋଗ ନିରାକରଣ ପାଇଁ ଔଷଧ ପ୍ରୟୋଗ ବିଷୟରେ ମଧ୍ୟ ବର୍ଣ୍ଣିତ ଅଛି ।

## ବେଦର ପୁନଃବିଭାଜନ ଓ ମନ୍ତ୍ର ସଂଖ୍ୟା


ପୂର୍ବରୁ କୁହାଯାଇଛି ଯେ ସୃଷ୍ଟି ଆଦ୍ୟରେ ବେଦ ଅଖଣ୍ଡ ଥିଲା । କାଳକ୍ରମେ କର୍ମ, ଉପାସନା ଓ ଜ୍ଞାନ ଦୃଷ୍ଟିରୁ ତାହା ଚାରିଭାଗରେ ବିଭକ୍ତ ହେଲା । ଦ୍ୱାପର ଯୁଗରେ ଏହା ବିଲୁପ୍ତପ୍ରାୟ ଅବସ୍ଥାକୁ ଚାଲିଆସିଲା । ଯଦିଓ ମଧେମଧେ ବେଦ ବିଲୁପ୍ତପ୍ରାୟ ଅବସ୍ଥାକୁ ଆସିଲାବେଳେ ଏହାକୁ ମତ୍ସ୍ୟାବତାରରେ ଭଗବାନ ଉଦ୍ଧାର କରିବା, ହୟଗ୍ରୀବ ଅବତାରରେ ଭଗବାନ ଉଦ୍ଧାର କରିବା କଥା ବର୍ଣ୍ଣିତ ଅଛି । ତଥାପି ଏହା ପରମ୍ପରା କ୍ରମେ ନଷ୍ଟ ନହୋଇ ରହିଆସିଥିଲା । କିନ୍ତୁ ଦ୍ୱାପର ଯୁଗରେ ମହର୍ଷି ପରାଶରଙ୍କ ପୁତ୍ର ବ୍ୟାସଦେବ ଏହାକୁ ପୁନର୍ବାର ଉଦ୍ଧାର କରିଥିଲେ । ସେ ଅଖଣ୍ଡ ଭାରତବର୍ଷ ପରିଭ୍ରମଣ କରି ଅକଥନୀୟ ପରିଶ୍ରମ କରି ଏହାର ଉଧାର ଓ ସଂକଳନ କରିଥିଲେ । ମନ୍ତ୍ରଗୁଡ଼ିକୁ ସଂକଳନ କରି ସେ ନିଜର ଅଗାଧ ପାଣ୍ଡିତ୍ୟ ଓ ପ୍ରତିଭା ଦ୍ୱାରା ପୁନର୍ବାର ଚାରିଭାଗରେ ଋକ୍, ସାମ, ଯଜୁଃ ଓ ଅଥର୍ବ ନାମରେ ବିଭାଜନ କଲେ । ତତ୍ପୂର୍ବରୁ ସଂଗୃହୀତ ମନ୍ତ୍ରଗୁଡ଼ିକ ପରସ୍ପର ମିଳିମିଶି ଯାଇଥିଲା । ଏହି ଚାରିବେଦକୁ ସେ ତାଙ୍କର ଚାରିଜଣ ସୁଯୋଗ୍ୟ ଶିଷ୍ୟ ପୈଲ, ବୈଶମ୍ପାୟନ, ଜୈମିନି ଓ ସୁମନ୍ତୁ ନାମକ ଚାରିଜଣ ଋଷିଙ୍କୁ ଅଧ୍ୟୟନ କରାଇଲେ । ବେଦମନ୍ତ୍ରର ଦୁରୁପଯୋଗ ନହେବା ଦୃଷ୍ଟିରୁ ୧୦୦୦୦୦ ମନ୍ତ୍ର ମଧ୍ୟରୁ ପ୍ରାୟ ସମୁଦାୟ ୨୦୦୦୦ ମନ୍ତ୍ର ହିଁ ଉପଲବ୍ଧ ହେଲା । ବର୍ତ୍ତମାନ ଉପଲବ୍ଧ ଋକ୍‌ବେଦର ମନ୍ତ୍ରସଂଖ୍ୟା ୧୦୫୨୦, ଯଜୁଃବେଦର ମନ୍ତ୍ରସଂଖ୍ୟା ୨୦୦୦, ସାମବେଦର ମନ୍ତ୍ରସଂଖ୍ୟା ୧୯୦୦ ଓ ଅଥର୍ବ ବେଦର ମନ୍ତ୍ରସଂଖ୍ୟା ୬୦୦୦ ।

## ଉପସଂହାର

ବେଦରେ ତିନୋଟି ମାର୍ଗ ରହିଛି । ଏହାକୁ କର୍ମ, ଉପାସନା ଓ ଜ୍ଞାନ ବୋଲି କୁହାଯାଏ । କର୍ମମାର୍ଗକୁ ନେଇ ବେଦର ବ୍ରାହ୍ମଣ ଭାଗ ରଚିତ ହୋଇଛି । ଉପାସନା ମାର୍ଗକୁ ନେଇ ଆରଣ୍ୟକ ଭାଗ ରଚିତ ହୋଇଛି । ଜ୍ଞାନକାଣ୍ଡକୁ ନେଇ ଉପନିଷଦ ଭାଗ ରଚନା କରାଯାଇଛି । ବେଦକୁ ବୃକ୍ଷ ବୋଲି କୁହାଯାଏ । ପ୍ରଥମେ ଏଥିରେ ୧୧୩୧ଟି ଶାଖା ଥିଲା । ଏବେ ସବୁ ବିଲୁପ୍ତ ହୋଇଯାଇଛି । ସେହି ଅନୁସାରେ ସେତିକି ବ୍ରାହ୍ମଣ ଗ୍ରନ୍ଥ, ଆରଣ୍ୟକ ଗ୍ରନ୍ଥ, ଉପନିଷଦ ଗ୍ରନ୍ଥ ଉପଲବ୍ଧ ଥିଲା । କାଳକ୍ରମେ ସେସବୁ ବିଲୁପ୍ତ ହୋଇଯାଇଛି । ବର୍ତ୍ତମାନ ଆମ୍ଭମାନଙ୍କୁ ବ୍ରାହ୍ମଣଭାଗ ୧୦ଟି ମଧ୍ୟରେ ଉପଲବ୍ଧ ଓ ଉପନିଷଦ ୧୨୦ଟି ମାତ୍ର ଉପଲବ୍ଧ । ଆରଣ୍ୟକ ଭାଗଗୁଡ଼ିକ ବ୍ରାହ୍ମଣଭାଗରେ ମିଶ୍ରିତ ହୋଇଯାଇଛି । ପୂର୍ବରୁ କୁହାଯାଇଛି ବେଦର ମନ୍ତ୍ରର ଅର୍ଥବୋଧ ଜଟିଳ । ଅତଏବ ଏହା ସମସ୍ତଙ୍କ ପକ୍ଷରେ ଅର୍ଥବୋଧ ସହଜ ନହେବାରୁ ବେଦ ଆଧାରରେ ମହର୍ଷି ବେଦବ୍ୟାସ ଅନେକ ବୈଦିକ ବାଙ୍ମୟ ସାହିତ୍ୟ ସୃଷ୍ଟି କରିଅଛନ୍ତି । ସେହିପରି ଅନ୍ୟ

ଋଷିମାନେ ମଧ୍ୟ ଅନେକ କର୍ମକାଣ୍ଡ ସ୍ମୃତିଶାସ୍ତ୍ର ରଚନା କରିଅଛନ୍ତି । ଏ ସମୁଦାୟ ମଧ୍ୟରୁ ବ୍ୟାସଙ୍କ ରଚନା ସର୍ବଜନାଦୃତ ଅଟେ । ବୈଦିକ ସଂସ୍କୃତିର ବୋଧଗମ୍ୟ ନିମନ୍ତେ ସେ ପଞ୍ଚମ ବେଦରୂପରେ ମହାଭାରତ ଯାହାର ଶ୍ଳୋକସଂଖ୍ୟା ୧୦୦୦୦୦ ତାହାକୁ ପ୍ରଣୟନ କରିଅଛନ୍ତି । ମହର୍ଷି ବାଲ୍ମିକୀ ମଧ୍ୟ ରାମାୟଣ ଯାହାର ଶ୍ଳୋକସଂଖ୍ୟା ୨୪୦୦୦ ତାହାକୁ ବେଦ ଆଧାରରେ ହିଁ ରଚନା କରିଛନ୍ତି । ଏତଦ୍‌ବ୍ୟତୀତ ବ୍ୟାସ ଅଷ୍ଟାଦଶ ପୁରାଣ, ଅଷ୍ଟାଦଶ ଉପପୁରାଣ, ଅଷ୍ଟାଦଶ ଅତିପୁରାଣ ଓ ୧୮୦୦୦ ଶ୍ଳୋକସଂଖ୍ୟା ବିଶିଷ୍ଟ ଭାଗବତ ମହାପୁରାଣ ରଚନା କରିଛନ୍ତି । ବ୍ୟାସଦେବଙ୍କ ପିତା ପରାଶର ଋଷିଙ୍କ ଦ୍ୱାରା ରଚିତ ବିଷ୍ଣୁପୁରାଣ ମଧ୍ୟ ଉପଲବ୍ଧ । ଏହିଭଳି ଭାରତୀୟ ବାଙ୍ମୟଂ ସାହିତ୍ୟରେ ବେଦର ସମୁଦାର୍ଥ ଅର୍ଥ ଉପଲବ୍ଧ । ସାଧାରଣ ସାକ୍ଷର ବ୍ୟକ୍ତିମାନେ ଏହାକୁ ଅଧ୍ୟୟନ କରି ଭାରତୀୟ ସଂସ୍କୃତି ସମ୍ବନ୍ଧରେ ଜ୍ଞାନଲାଭ କରିଥାନ୍ତି ଓ ତଦନୁଯାୟୀ ନିଜ ଜୀବନକୁ ଗଢ଼ିଥାନ୍ତି । ନିରକ୍ଷର ବ୍ୟକ୍ତିମାନେ ସ୍ୱସ୍ୱ ମାତୃଭାଷାରେ ରଚିତ ଏହି ପୁରାଣଗୁଡ଼ିକୁ ଶ୍ରବଣରେ ଭାରତୀୟ ବୈଦିକ ସଂସ୍କୃତି ଅନୁସାରେ ଜୀବନକୁ ଗଢ଼ି ତୋଳିଥାନ୍ତି । ଏହିଭଳି ବେଦ ଓ ବୈଦିକ ସଂସ୍କୃତି ସମ୍ବନ୍ଧରେ ଅଜ୍ଞାତ ରହିବା ଦୁଃଖର ବିଷୟ ନୁହେଁ କି ?

ଗଣେଶ ମାଳି,
ସହକାରୀ ସେବକ, ଦଶମନ୍ତପୁର ସେବାଶ୍ରମ
ବ୍ଲକ୍ ଗୁଣପୁର, ଜି: ରାୟଗଡ଼ା



ଶ୍ରୀ ଲଳିତ କୁମାର ପାତ୍ର
ଶ୍ରେଣୀ - ଷଷ୍ଠ, ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦୁମୁଣ୍ଡି

# ଶୀତ ପାଇଁ ଗୀତ

ଶୀତ ଆସିଲାଣି ଧରାକୁ
ମନ ଖୋଲିଦେଲା ଖରାକୁ
ଉତ୍ତରା ପବନେ ଦେହ ଥରିଯାଏ
ଡର ଲାଗିଯାଏ ନିଦକୁ ।

ଘାସକୁ କାକର ଝରୁଛି
ବଗିଚ୍ଚରେ ଗେଣ୍ଡୁ ଭରୁଛି
ଫଳ ଫସଲରେ ବିଲ ବାଡ଼ି ହସୁଛି
ଶୀତ ଲୁଗା ଖୋଜା ପଡିଛି ।

ସୁନା ଧାନ କ୍ଷେତ ଲୋଟୁଛି
ଗୀତ ଗାଇ ଚ୍ଚଷୀ କାଟୁଛି
ଗଳା ଲିପି ପୋଛି କୃଷକ ଘରଣୀ
ଝୋଟିଟିଏ କାଟି ଦେଉଛି ।

ଶୀତ ଋତୁ ଭାରି ବଢ଼ିଆ
ହସେ ବିଲ ବାଡ଼ି ପଡ଼ିଆ
ସବୁ ଭଲ ସିନା ଧନୀଙ୍କ ପାଇଁ
ଗରିବଙ୍କୁ ହୁଏ ଅଡୁଆ ।

ସସ୍ମିତା ସିଂ
ଶ୍ରେଣୀ-ନବମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଙ୍କାଟି

# ଆମେ ସବୁ ମଣିଷ ବି, ଭାରତୀୟ ବି !

ଧର୍ମ ଭିନ୍ନ....... ସମ୍ପ୍ରଦାୟ ଭିନ୍ନ
ବେଶ ଭିନ୍ନ..... ଭାଷା ଭିନ୍ନ
ଜାତି ଭିନ୍ନ ..... ଦଳ ଭିନ୍ନ
ମନ ଭିନ୍ନ ...... ବର୍ଣ୍ଣ ଭିନ୍ନ
ନୀତି ଭିନ୍ନ ..... ଭାବ ଭିନ୍ନ
ହେଲେ ରକ୍ତ ଅଭିନ୍ନ !

"ଯେତେ ଯେତେ ଫରକ ........
ମଣିଷ ଗଢ଼ିଛି,
ସବୁ ଅଭିନ୍ନ ସମ୍ପର୍କ ..............
ରକ୍ତ ହିଁ ଦେଇଛି ।"

ପ୍ରଶାନ୍ତ କୁମାର ରନ୍ଧାଲୁ
ସହକାରୀ ଶିକ୍ଷକ
ଆଶ୍ରମ ବିଦ୍ୟାଳୟ, ରାୟଗଡ଼ା

# ଆକାଶ

ଖରା କେତେବେଳୁ ଚାଲିଗଲାଣି । ସଞ୍ଜବେଳ, ଆଉ ଟିକକରେ ରାତି ମାଡ଼ି ଆସିବ । ପୁନି କେତେ କାମ କଲା, ଘର ଓଳାଇଲା, ଜିନିଷ ସଜାଡ଼ିଲା, ବା' ଲୁଗାକୁ ଚଉତି ଅଳଗୁଣିରେ ରଖିଲା । ସେଇଠୁ ଗଲା ମା' ପାଖକୁ ।

ମାଆ ଦିକିଦିକି ନିଆଁରେ ଜାଉ ରାନ୍ଧୁଥାଏ । ହାଣ୍ଡିଭିତରୁ ଶୁଭୁଥାଏ ଲପର ଲପର ଠିସ୍, ବାଡ଼ି ବାରଣ୍ଡାରୁ ଆଉ କିଛି ଜାଳେଣି ଆଣି ରଖିଦେଲା ମାଆ ପାଖରେ । କୁନିଝିଅଟିଏ ହେଲେ କ'ଣ ହେବ ପୁନି ଘରର ବହୁତ କାମ କରେ । ଏତିକିବେଳେ ସୁନେଇ ଡାକଛାଡ଼ିଲା, ଆଲୋ ପୁନି, ମୋ ପାଖକୁ ଆ । ସୁନେଇ ପୁନିର ଜେଜେମା, ବହୁତ ବୁଢ଼ୀ ହୋଇଗଲାଣି । ମୁଣ୍ଡବାଳ ଝୋଟ ହେଲାଣି, ଦାନ୍ତ ଆଉ ଗୋଟିଏ ହେଲେ ନାହିଁ, ଚମ ଧୁଡୁଧୁଡୁ, ଗୋଡ଼ ଆଙ୍ଗୁଠି ସବୁ ମୋଡ଼ି ହୋଇଗଲାଣି । ସରୁଆସରୁଆ ହାତଗୋଡ଼ । କାନ ଦି'ଟା ଓହଳି ପଡ଼ିଛି ଦୁଲୁକ ପିନ୍ଧିପିନ୍ଧି । ଆଖି ଦିଇଟା ଜାଲୁଜାଲୁ । ଅଗଣାରେ ଗୋଡ଼ ଲମ୍ବେଇ ବସିଥାଏ ବୁଢ଼ୀ । ଆକାଶକୁ ଚାହିଁ କହିଲା - ହେଇ ଦେଖ ଲୋ ପୁନି ଫିନିଙ୍ଗ ତରା । ନିରନ୍ତେଲିର ଝିଅ କେମିତି ତରା ହେଇ ଚାହିଁଚି ଆମକୁ । ଆମ ମାହାପୁରର ଝିଅ । ପୁନି ଜେଜେମା କଥା ଶୁଣି ଦଉଡ଼ି ଆସେ ପାଖକୁ । ଜେଜେମା କୋଳରେ ମୁଣ୍ଡ ରଖି ଗଡ଼ିଯାଏ । ଆକାଶକୁ ଚାହେଁ । ଅନ୍ଧାରିଆ ଆକାଶ । ଆରେ ବାପ୍‌ରେ, କେତେ ତରା ! ଜେଜେମା ତରାମାନଙ୍କ ଭିତରୁ ମାହାପୁରର ଝିଅକୁ ଚିହ୍ନିଲା କେମିତି ? ସେଇଠୁ ସେ କହେ ମୋତେ ଗୋଟେ ଗପ କହ । ସେଇ ପୁରୁଣା ଗପ । ଆକାଶ ଗପ । ତରାମାନଙ୍କ ଗପ । ନିରନ୍ତେଲି ଆଉ ଧରମୁ ଦେବତା କଥା । ସୁନେ କହେ ହଉଲୋ ରହ । ମୁଁ ଟିକେ ସଜାଡ଼ି ହୋଇ ବସେ । ରହ କହୁଚି ତତେ ଆକାଶ କଥା । ହେଇ ଯେଉଁ ଆକାଶ ଦେଖୁଚୁ, ସେଇଟା କ'ଣ ଆଗରୁ ଏତେ ଦୂରରେ ଥିଲାକି ! ଏଇ ପାଖରେ ଥିଲା ପରା । ପୂରା ଲାଗି ରହିଥିଲା ଘାଟି ଉପରକୁ । ତରାମାନେ, ସୂରୁଜ ଦେବତା, ଚନ୍ଦର ଦେବତା ସବୁ ଏଇ ପାଖରେ ଥିଲେ । ବଡ଼ ଅସୁବିଧା ସେତେବେଳେ ।। ଦିନ ହେଲେ ଖରା ଗରମରେ ଲୋକେ ଛଟପଟ ହୋଇଯାଉଥିଲେ । ଗଛବୁରୁଛ ଜଳିପୋଡ଼ି ଯାଉଥିଲେ । ସଭିଏଁ ଚାହିଁଥାନ୍ତି ରାତିକି । ସୂରୁଜ ଦେବତା କେମିତି ଆକାଶରୁ ହଟିବ । ସେତେବେଳେ ଲୋକଗୁଡ଼ା ସାନସାନ ଏଇ ହାତ ଆଙ୍ଗୁଳି ଭଳି । ଗଛଗୁଡ଼ାକ ବି ସାନସାନ । ଗାଈ ଗୋରୁ ହାତୀ ବାଘ ସବୁ ସାନସାନ । ଲୋକମାନେ ଏତେ ସାନସାନ ଯେ ବାଇଗଣ କି ଲଙ୍କାମରିଚ ସେମାନେ ନିଶୁଣି ଲଗାଇ ତୋଳନ୍ତି । ପାହାଡ଼, ଡର କେଉଁଠି କିଛି ନଥିଲା । ସବୁଆଡ଼େ ପଡ଼ିଆ । ସାଉଁସାଉଁକା ପବନ, ସିରିସିରି ପାଣି । ଏଇମିତି କେତେକେଳ ଗଲା । ଲୋକେ ନିରନ୍ତେଲିକି ଡାକୁଥାଆନ୍ତି ଆମକୁ ରକ୍ଷା କର । ଆକୁ ରକ୍ଷା କର ।

ଥରକର କଥା, ନିରନ୍ତେଲିର ମାଆ ଘର ଓଳଉଥିଲା । ସେଇଠୁ ଆସି ଅଗଣା ଓଳେଇଲା, ବାଡ଼ି ଖରକିଲା । ଏତିକିବେଳେ ମେଘ ଆସି ବାଜିଲା ତା' ପିଠିରେ । କଳାହାଣ୍ଡିଆ ମେଘ ଏତେ ଓଜନିଆ ହୋଇଯାଇଥିଲା ଯେ ଭୂମିକୁ ଲାଗିଲାଗି ସେ ଏକଡ଼ ସେକଡ ହେଉଥିଲା । କ'ଣ ଆଉ ବା କରନ୍ତା ସିଏ । ଆକାଶଟା ମାଟି ପାଖରେ, କୁଆଡ଼େ

ଆଉ ଯାଆନ୍ତା ମେଘ । ନିରନ୍ତେଲିର ମାଆ କିନ୍ତୁ ରାଗିଗଲା । ଓଳଉଥିବା ଝାଡୁରେ ଦେଲା ମେଘକୁ ପାହାରେ । ସେଇ ପାହାରକରେ ମେଘ ମାଆଲୋ ବାପାଲୋ କହି ଉଠିଗଲା ଉପରକୁ । ଆକାଶ ବି ଝାଡୁମାଡ଼ ଡରରେ ପଳାଇଗଲା କାହିଁ କେତେ ଦୂରକୁ । ସେଇଦିନୁ ଆକାଶ ଉପରକୁ ଯାଇଛି ଯେ ଯାଇଛି । ତେଣିକି ଆସ୍ତେଆସ୍ତେ ମଣିଷମାନେ ଡେଙ୍ଗା ହେଲେ । ଗଛମାନେ ବଢ଼ିଗଲେ । ପାହାଡ଼ ପର୍ବତ ମୁଣ୍ଡ ଟେକିଲେ । ମେଘ କିନ୍ତୁ ବେଳେବେଳେ ପଳେଇ ଆସେ ପାହାଡ଼ ଉପରକୁ । ପାହାଡ଼ ପାଖକୁ ଆସିଲେ ମେଘ ଘୁଡୁଘୁଡୁ କଥା କୁହେ । ପୁନି ଏତବେଳଯାଏଁ ଚୁପ୍‌ଚାପ୍ ଶୁଣୁଥିଲା । ସେଇଠୁ ସେ ପଚାରିଲା, ହେଲେ ମେଘରେ ଆଲୁଅ କାହିଁକି ଦିଶେ ? ସୁନେଇ କହିଲା, ଆଲୋ ଆଲୁଅ କ'ଣ ବା ସେଇଟା ପରା ମେଘର ହସ । ଏତିକିବେଳେ ଆକାଶରେ ଛକ୍ କିନା ବିଜୁଳି ମାରିଲା । ସୁନେଇ କହିଲା - ଆଲୋ ଆଲୋ, ବରଷା ହବକି କ'ଣ ଚାଲ ଭିତରକୁ ଚାଲ ।

**Bahinipati Jhodia**
Class - IX, SSD High School,
Budaguda, Rayagada



ରାମକୃଷ୍ଣ ଟୁଡୁ
ଶ୍ରେଣୀ : ଅଷ୍ଟମ, ସରକାରୀ ଉଚ୍ଚ ବିଦ୍ୟାଳୟ

# ଲୋଭର ଫଳ

ଗୋଟିଏ ଗାଁରେ ଚିଣ୍ଟୁ, ପିଣ୍ଟୁ ଓ ମିଟୁ ନାମକ ତିନିଭାଇ ରହୁଥିଲେ । ମୂଲ ଲାଗି ପେଟପାଟଣା ପୋଷୁଥିଲେ । ଦିନେ ଜଣେ ସନ୍ୟାସୀ ସନ୍ଧ୍ୟା ସମୟରେ ଏହି ଭାଇମାନଙ୍କ ଦୁଆରେ ପହଞ୍ଚି ରାତିକ ରହିବା ପାଇଁ ଅନୁରୋଧ କଲେ ଏବଂ ସେଠାରେ ରହିଲେ । ଚିଣ୍ଟୁ, ପିଣ୍ଟୁ ଓ ମିଟୁ ମିଶି ସନ୍ୟାସୀଙ୍କ ଯଥାସାଧ୍ୟ ଆଦର ଯତ୍ନ ସହିତ ସହାର ମଧ୍ୟ କଲେ । ରାତିରେ ଶୋଇବା ପୂର୍ବରୁ ସନ୍ୟାସୀ ସେମାନଙ୍କ ଦୁଃଖର ଜୀବନ କାହାଣୀ ଶୁଣି ଶୋଇଗଲେ । ରାତି ପାହିଲା, ସକାଳ ହେଲା, ସନ୍ୟାସୀ ସେମାନଙ୍କୁ କହିଲେ ଏଠି ତୁମେମାନେ ଦୁଃଖକଷ୍ଟରେ ଚଳୁଛ, ମୋ ସାଙ୍ଗରେ ଚାଲ । ତିନିଭାଇ ସନ୍ୟାସୀଙ୍କ ସହ ଚାଲିଲେ । କିଛିବାଟ ଗଲାପରେ ସନ୍ୟାସୀ ଚିଣ୍ଟୁକୁ କହିଲେ ତୁମର କ'ଣ ଆବଶ୍ୟକତା ରହିଛି ତୁମେ ତାହା ପାଇଲେ ଅତ୍ୟନ୍ତ ଖୁସି ହେବ । ଚିଣ୍ଟୁ କହିଲା ମହାରାଜ, ମୋର ଶସ୍ୟରେ ପରିପୂର୍ଣ୍ଣ ବହୁତ ଜମି ହୁଅନ୍ତା କି ? ତୁରନ୍ତ ସନ୍ୟାସୀ ନିଜ ଝୁଲାମୁଣିରୁ ତିନୋଟି ମୋତି ବାହାର କରି ରାସ୍ତା କଡ଼ରେ ଥିବା ଜଙ୍ଗଲକୁ ଫିଙ୍ଗିଦେଲେ । ତୁରନ୍ତ ସେଠାରେ ଏକ ସୁଦୀର୍ଘ ଧାନକିଆରୀ ହୋଇଗଲା । ସନ୍ୟାସୀ ସେଠାରେ ଚିଣ୍ଟୁକୁ ଫସଲ ଉତ୍ପାଦନ କରି ତାକୁ ବିକ୍ରୀକରି ଆନନ୍ଦରେ ରହିବାକୁ କହି ପିଣ୍ଟୁ ଓ ମିଟୁକୁ ଧରି ଚାଲିଲେ ।

କିଛିବାଟ ଯିବା ପରେ ସନ୍ୟାସୀ ପିଣ୍ଟୁକୁ ପଚାରିଲେ ବାବା, ତୁମର କ'ଣ ଦରକାର ? ପିଣ୍ଟୁ ତୁରନ୍ତ କହିଲା, ଭଗବାନ ମୋତେ ଯଦି ଦେବାକୁ ଚାହାନ୍ତି ତେବେ ମୋତେ ବହୁତ ଗାଈ ରହୁଥିବା ଗୋଶାଳାଟିଏ ଦରକାର । ତୁରନ୍ତ ସନ୍ୟାସୀ ତିନୋଟି ମୋତି ବାହାର କରି ପାହାଡ଼ ତଳେଥିବା ଜମି ନିକଟକୁ ଫୋପାଡ଼ି ଦେଲେ । ସେଠାରେ ନିମିଷକ ମଧ୍ୟରେ ବହୁତ ଗାଈଥିବା ଗୋଶାଳା ଦେଖିବାକୁ ମିଳିଲା ।

ସେଇଠାରେ ପିଣ୍ଟୁକୁ ବିଦାୟ ଦେଇ ସନ୍ୟାସୀ ମିଟୁକୁ ସାଥିରେ ଧରି କିଛିବାଟ ଗଲାପରେ ମିଟୁକୁ ପଚାରିଲେ ତୁମର ଇଚ୍ଛା କୁହ । ତୁମର କ'ଣ ଦରକାର ? ମିଟୁ କହିଲା, ହେ ସାଧୁ, ମୋର ଫୁଲଫଳରେ ପରିପୂର୍ଣ୍ଣ ଏକ ବଡ଼ ବଗିଚା ଓ ବଗିଚା ମଧ୍ୟରେ ଏକ ପୁଷ୍କରିଣୀ । ସନ୍ୟାସୀ ପୂର୍ବଭଳି ତିନୋଟି ମୋତି ନିଜ ଝୁଲାମୁଣିରୁ ବାହାର କରି ଫିଙ୍ଗିଦେଲେ । ତୁରନ୍ତ ସେଠାରେ ଏକ ବିରାଟ ଫୁଲ ବଗିଚା ଓ ବଗିଚା ମଧ୍ୟରେ ଏ ବିଶାଳ ପୁଷ୍କରିଣୀରେ ହଂସ ଖେଳୁଥିବାର ଦେଖିବାକୁ ମିଳିଲା । ସନ୍ୟାସୀ ତିନିଭାଇଙ୍କୁ ଖୁସିରେ ଜୀବନ ବିତାଇବାକୁ କହି ସେଠାରୁ ଚାଲିଗଲେ ।


ପ୍ରାୟ ତିନିଚାରି ଦିନ ପରେ ତିନିଭାଇଙ୍କ ମଧ୍ୟରେ ଦେଖାସାକ୍ଷାତ୍ ହେଲା । ନିଜନିଜ ମଧ୍ୟରେ ସୁଖ ଦୁଃଖ ହେଉହେଉ ବଡ଼ଭାଇ ଚିଣ୍ଟୁ କହିଲା, ସେ ଯେଉଁ ସନ୍ୟାସୀଙ୍କ ଯୋଗୁଁ ଆମେ ଏତେସବୁ ପାଇଲେ ସେଥିରେ ସେ ସନ୍ୟାସୀଙ୍କ କିଛି କରାମତି ନାହିଁ ସବୁ କିଛି ସେହି ମୋତିମାନଙ୍କର । ଆମ୍ଭେମାନେ ଯଦି ସନ୍ୟାସୀଙ୍କ ଝୁଲାମୁଣି ପାଇଯାଆନ୍ତେ, ତେବେ ମୋତି ବିଞ୍ଚିବିଞ୍ଚି ଏହି ରାଜ୍ୟର ରାଜା ହୋଇଯାଆନ୍ତେ । ତିନିଭାଇଙ୍କ ମଧ୍ୟରେ ସନ୍ୟାସୀଙ୍କ ମୋତି ଚୋରାଇବା ପାଇଁ ଲୋଭ ଜାତ ହେଲା ଏବଂ ତିନିଭାଇ ସନ୍ୟାସୀଙ୍କୁ

ଖୋଜିବାପାଇଁ ବାହାରି ପଡ଼ିଲେ । ପ୍ରାୟ ଦୁଇବର୍ଷ ସାରାଦେଶ ବୁଲିବୁଲି ସନ୍ୟାସୀଙ୍କୁ ନପାଇ ଯେଉଁଠାରୁ ବାହାରିଥିଲେ ସେଠାରେ ଆସି ପହଞ୍ଚି ଦେଖନ୍ତି ଯେ ଫସଲ ସବୁ ଉଜୁଡ଼ି ଯାଇଛି, ଗାଈସବୁ ମରିଯାଇ କଙ୍କାଳସବୁ ପଡ଼ିଅଛି ।। ଫଳଫୁଲ ଗଛଗୁଡ଼ିକ ଶୁଖି ମରି ଯାଇ ଶୁଖିଲା ଠିଆ ହୋଇଛନ୍ତି । ଅତି ଲୋଭ କରି ମୋତି ପଛରେ ଧାଇଁଧାଇଁ ଜୀବନଟା ବ୍ୟର୍ଥ ହେଲା । ଶେଷରେ ସେମାନେ ଗାଁକୁ ଫେରିଯାଇ ପୁଣି ମୂଳ ଲାଗି ଚଳିବାକୁ ବାଧ ହେଲେ ।


କୁମାରୀ ବିରାଜିନୀ ଶବର

ଶ୍ରେଣୀ - ଷଷ୍ଠ

ଆଶ୍ରମ ବିଦ୍ୟାଳୟ, ଭାରସିଂ, ରାୟଗଡ଼ା

ଚନ୍ଦ୍ରମଣି ମାଝୀ

ଇ.ଏମ୍.ଆର୍.ଏସ୍., ନୂଆପଡ଼ା

# ସଚ୍ଚୋଟତାର ବିଜୟ

ରାଜୁ ଓ ଅଜୁ ଦୁଇ ଜାଆଁଳା ଭାଇ ଥିଲେ । ଉଭୟେ ଭଲ ପାଠ ପଢୁଥିଲେ । ରାଜୁ ସାଧାସିଧା ଥିଲା, କିନ୍ତୁ ଅଜୁ ଦୁଷ୍ଟ ଥିଲା । କଥାକଥାରେ ଥଟ୍ଟା ପରିହାସ ତଥା ଅନ୍ୟକୁ ଅପମାନ କରିବା ତାହାର ଗୋଟିଏ ସ୍ୱଭାବ ଥିଲା । ଘରେ ଉଭୟଙ୍କୁ ସମାନ ସ୍ନେହ ମିଳୁଥିଲା ମାତ୍ର ଈର୍ଷା ହେତୁ ଅଜୁ ଅଷ୍ଟମ ଶ୍ରେଣୀରେ ରାଜୁଠାରୁ ପଛରେ ପଡ଼ିଗଲା । ଯେଉଁଦିନ ପରୀକ୍ଷାଫଳ ଘୋଷିତ ହେଲା ସେଦିନ ରାଜୁ ଶ୍ରେଣୀରେ ପ୍ରଥମ ତଥା ଅଜୁକୁ ଅନୁତୀର୍ଣ୍ଣ ଘୋଷଣା କରାଗଲା । ଅଜୁ ମନେମନେ ରାଜୁ ଉପରେ ରାଗିଲା ତଥା ତାକୁ ଦେଖିନେବ ବୋଲି ସ୍ଥିର କଲା ।

ପ୍ରାତଃରେ ଯେତେବେଳେ ପିତା ରାଜେଶ ବାବୁ ନୂଆ ସାର୍ଟପେଣ୍ଟ ପିନ୍ଧି ବାହାରିଲେ, କ୍ଷୀରବାଲା ଆସି ଟଙ୍କା ମାଗିଲା ଏବଂ ରାଜେଶ ବାବୁ ପ୍ୟାଣ୍ଟରୁ ଟଙ୍କା ବାହାର କରି ଗଣିଲେ ଏବଂ ଚମକି ପଡ଼ିଲେ । ପନ୍ଦର ଶହରୁ ଚାରିଶହ ଟଙ୍କା କମ୍ ଥିଲା । କିନ୍ତୁ ରାତିରେ ସେ ତ ପନ୍ଦର ଶହ ଟଙ୍କା ରଖିଥିଲେ । ପୁଣି ତନ୍ନତନ୍ନ କରି ଖୋଜିଲେ । ବାରମ୍ବାର ଗଣିଲେ ଏବଂ ନିଜ ପତ୍ନୀ ତଥା ପୁତ୍ର ଅଜୁ ଓ ରାଜୁକୁ ପଚାରିଲେ ମାତ୍ର ସମସ୍ତଙ୍କର ଗୋଟିଏ ଉତ୍ତର ଆମେ ତ ନେଇ ନାହୁଁ ।

ଏହି ଘଟଣାର ଦଶଦିନ ପରେ ପୁଣି ରାଜେଶ ବାବୁଙ୍କର ପଚାଶ ଟଙ୍କା କମ୍ ହେଲା । ନିଜ ପତ୍ନୀ ଉପରେ ବିଶ୍ୱାସ ଥିଲା । ସେପରି ମଧ୍ୟ ଦୁଇପୁଅଙ୍କ ଉପରେ ତଥାପି ଅଜୁକୁ ପଚାରିବାକୁ ମନ କଲେ । ଅଜୁକୁ ପଚାରିବା କ୍ଷଣି ସେ କହିଲା ମୋର ପ୍ୟାଣ୍ଟ ସାର୍ଟରେ ଖୋଜ ଏବଂ ମୋର ବହିପତ୍ର ଦେଖ ଏପରି କହୁ କହୁ କାନ୍ଦି ପକାଇଲା । ରାଜେଶ ବାବୁ ଯାକୁ ବୁଝାଇ କହିଲେ, ପୁଅ ମୋର ପଚାରିବାର ଅଭିପ୍ରାୟ ଏହା ଯେ ତୁ ଯଦି କେଉଁଠି ଟଙ୍କା ପଡ଼ିଥିବାର ଦେଖିଥିବୁ ତ...... ମୁଁ ଶହେବାର କହିଲି ମୁଁ ଟଙ୍କା ଦେଖିନି ଏହା କହି ଇତଃସ୍ତତ ହୋଇ ଅଜୁ ଚାଲିଗଲା ।



ରାଜେଶ ବାବୁ ଓ ପତ୍ନୀ ରାଧା ବଡ଼ ସମସ୍ୟାରେ ପଡ଼ିଲେ, କୌଣସି ବାହାର ବ୍ୟକ୍ତି ତ ଟଙ୍କା ନେଇଯାଇନି । କିନ୍ତୁ ଚୋରି ତ ଘରେ ହେଉଛି, କିନ୍ତୁ ଯେ ପର୍ଯ୍ୟନ୍ତ କାହାକୁ ଧରାଯାଇନି କିପରି କହିବେ । ରାଜେଶ ବାବୁ ଆଜି ଶୀଘ୍ର ଅଫିସରୁ ଆସିଛନ୍ତି । ପରେପରେ ରାଜୁ ଓ ଅଜୁ ସ୍କୁଲରୁ ଆସିବା ପରେ ରାଜେଶ ବାବୁ କହିଲେ, ପୁଅ ଅଜୁ ହଜିଥିବା ସବୁ

ଟଙ୍କା ମିଳିଗଲା । ତୁମର ମାଆ କେଉଁଠି ରଖିଦେଇଥିଲେ । ରାଜୁ ଖୁସି ହୋଇଗଲା କିନ୍ତୁ ଅଜୁ ମନ ଫିକା ପଡ଼ିଗଲା । ସେ କହିଲା, କେଉଁଠୁ ମିଳିଲା, ରାଜୁର ପଢ଼ାଘରୁ ? "ଯେଉଁଠି ହେଉ ମିଳିଗଲା । ଯାଅ ନିଜ ନିଜ ବହି ରଖି ଜଳଖିଆ କରିନିଅ" ରାଜେଶ ବାବୁ କହିଲେ ।

ରାଜେଶ ବାବୁ ଓ ରାଜୁ ବସିଛନ୍ତି, ମୁଁ ଆସୁଛି କହି ଅଜୁ ରାଜୁର କୋଠରୀକୁ ଗଲା । ବହି ତଳେ ରଖିଥିବା ପଇସା ଦେଖିଲା ଓ ଭାବିଲା ଏଠିତ ପଇସା ଅଛି, ପୁଣି ବାପା........ କିଛି ଭାବି ନିଜ ପ୍ୟାଣ୍ଟରେ ପଇସା ରଖିଦେଲା । ଅଜୁ ପଛରେ ଆସି ରାଜେଶ ବାବୁ ଏହା ଦେଖି ପୁଣି ଯାଇ ଚୌକିରେ ବସି ଚା' ପିଇଲେ । ଅଜୁ ଚୌକିରେ ବସି କହିଲା ବାପା କୁହ କେଉଁଠି ପଇସା ଥିଲା । ରାଜେଶ ବାବୁ କିଛି ଭାବି କହିଲେ ରାଜୁର ବହିରେ ଥିଲା । ରାଜୁର......... ? ଅଜୁ ଚମକି ପଡ଼ିଲା, କହିଲା ଆପଣ ମୋତେ ଚୋର ବୋଲି ଭାବୁଥିଲେ । ମୁଁ କୌଣସି ଚୋରି କରି ନାହିଁ ବାପା, ରାଜୁ ସ୍ୱଷ୍ଟ ଶବ୍ଦରେ କହିଲା । ରାଜେଶ ବାବୁ କହିଲେ, ମୁଁ ଜାଣେ ରାଜୁ କିନ୍ତୁ ତୋତେ ଚୋର କରିବା ପାଇଁ ଅଜୁ ତୋ ବହିରେ ଟଙ୍କା ରଖି ଦେଇଥିଲା । ଏ ସମୟରେ ଅଜୁର ମୁହଁ ଫିକା ପଡ଼ିଗଲା । ରାଜେଶ ବାବୁ ଅଜୁକୁ ବୁଝାଇଲେ ପୁଅ କାହାପ୍ରତି କ୍ରୋଧରେ କରିବା କାମ ସଫଳ ହୁଏ ନାହିଁ । କରିବ ତ ସଦାବେଳେ ଭଲ କାମ କର ଜିତାପଟ ସଦାବେଳେ ହେବ । ଅଜୁର ନିଜ ଭୁଲ ପ୍ରତି ଜ୍ଞାନ ହେଲା ଏବଂ ସେ ବାପାଙ୍କ ଆଗରେ କହିଲା ଭବିଷ୍ୟତରେ ସେ ଏପରି ଆଉ ଭୁଲ କାମ କାହାପ୍ରତି କରିବ ନାହିଁ ।

ସୁମତୀ କାଡ୍ରାକା
ଶ୍ରେଣୀ - ସପ୍ତମ
ଆଶ୍ରମ ସ୍କୁଲ, ଭାରସିଂ, ରାୟଗଡ଼ା



ରାଜୁ ମୁଣ୍ଡୁକା
ଶ୍ରେଣୀ : ସପ୍ତମ, ଆଶ୍ରମ ବିଦ୍ୟାଳୟ,ରାୟଗଡ଼ା

# ଜନଜାତି ଭାଷା ବିଭାଗ



## ଲଞ୍ଜା ମନେରେନା ଦୁଃଖ

ଆଲପେ ସେନଃଆ
ଆଲପେ ସେନଃଆ
ଆଞ୍ଜପେ ନାଥା
ଦୁଃଖ ରେନା କାଥା
ବାନୁଃଏ ଆୟ
ବାନୁଃଏ ବାବା
ବାନୁଃଏ ବାବା
ବାନୁଃଏ ବାୟୀ
ଅକୟେ ଆଞ୍ଜମା
ଲଞ୍ଜା କାଥା
ବାନୁଃକୁଆ ଅକ୍ୟହଁ ଇଞ୍ଜରିନ୍
ଦେଲାସେ ଚାନ୍ଦ
ଦେଲା ସେ ଇପିଲ୍
ଆଞ୍ଜସେ ସିତୁମ୍
ଆଞ୍ଜମ୍ ଉସୁଲ୍
ଆଞ୍ଜପେ ଇଞ୍ଜା ମନେରେନା କାଥା
ଆଲପେ ସେନଃଆ
ଆଲପେ ସେନଃଆ
ଆଞ୍ଜପେ କାଥା
ଦୁଃଖ ରେନା କାଥା ।

ଲକ୍ଷ୍ମୀପ୍ରିୟା ମାଝୀ
ଶ୍ରେଣୀ - ଅଷ୍ଟମ



# ଆପିୟେ କୁମ୍ଭୁକ

ଗାଢ଼ାପୁର ନୁତୁମ୍ ମେଣ୍ଡଃ ହାଟୁ । ଏନ୍ ହାଟୁରେ ଆପିୟେ କୁମ୍ଭୁକ ତାଇ କିମାକା ଆକୁଓ୍ୱା ନୁତୁମ୍ ହୁବାୟାନା ରବି , ରାକୁ ଅଣ୍ଡଃ ବିକୁ । ଆକ ପାରଟିଚେ କାକ; ସେନୁଓ୍ୱା । ରଙ୍କାଗେ କୁମ୍ଭୁ କେଚେ ଜାଆ ନାଆକ ଆଗୁୟେ ଇନାଚେକ ଚାଲାହ ଚାଇକିନାକ ।

ହାଟୁ ଜାପାଆ ରିୟାଃ ନୁତୁମ୍ ବାଲିଗଟ୍ । ଏଣ୍ଡେଃ ମେଣ୍ଡଃ ହାକୁ ଆକାରିଙ୍ଗ୍ ଚାନି ଚାରକିନାଆ ହାକୁ ଆକାରିଙ୍ଗ୍ କେଚେ ଯାହା ଚିମିନ୍ ପୁଇସା ନାଲା ଆୟେ ଚାରକିନା ଏନ୍ ପୁଇସା ଦ ବେଙ୍କ୍‌ରେ ଜାମାଏ ଚାଇକିନା । ମୁସିଙ୍ଗ୍ ପୁଇସା ବେଙ୍କ୍‌ରେ ଜାମାୟାଆ ମେନ୍ତେ ସେନଅ ଚାଇକିନା ଦୁରାରେ ମେଣ୍ଡଃ କୁକି ଲହ ଜାଗାରିୟାଃନା ଅଣ୍ଡଃ ଜାଗାର୍ ଜାଗାର୍ ଚେ ଆପେ ହ କୁମ୍ଭୁକ ଆୟାଆ ଗୁଟୁଏ ଚେ ପୁଇସାକ ଇଟ୍‌କେଟ୍‌ଚେକ କିରିୟାନାକ । ଏନ୍ ହଅ ନାମ୍‌ବା କିଡ଼ା ମେନ୍ଦ କାଆ ନାମ୍ କିଡ଼ା । ଉଲୁ ଉଲୁ ଚେ ଉଆ ଉକୁଲିନାଆ । ବିକୁ ଉଲୁକିଡ଼ାଆ ଏନ୍ ପୁଇସାଚେ ଉଲି କିରିଙ୍ଗ୍ କେଚେ ନାଲାୟାଆ ।

ମେଲରଜି ଅଣ୍ଡଃ ରାକୁ ଦ ଇଙ୍କାଗେ କୁମ୍ଭୁରେଗେ କିଙ୍ଗ୍ ଚାଇୟେନା । ବିକୁନାଲା କେଡ୍‌ଚେ ମେଣ୍ଡଃ ଦୁକାନ୍ ବାଇ କିଡ଼ାଆ ଆଏ ଏନ୍ ହାଟୁରେ ଜାଣିୟେ ହ ବାଇୟେନା । ପେପର୍ ରିୟା ଆୟାଆ ନୁତୁମ୍ ଚେ ଜାଗାର୍ ଅଲୟାନା । ଏନ୍ ହାଟୁରେ ମେଣ୍ଡଃ ପେପର ଆକାରିଙ୍ଗ୍ ଚାନିଇ ଦୁରାରେ ଆକାରିଙ୍ଗ୍ କିଡ଼ାଆ ।

ରବିଅଣ୍ଡଃ ରାକୁ ମେଣ୍ଡଃ ପେପର କିଙ୍ଗ୍ କିରିଙ୍ଗ୍ କିଡ଼ାଆ ଅଣ୍ଡଃଅ ପାଲାଅ କିଡ଼ା କିଙ୍ଗ୍ ଏନ୍ ହାଟୁ ୟେଚେ ବାଣିଏ ହ ବାଇ କେନୋ।

ରବି ଅଣ୍ଡଃ ରାକୁ, ବିକୁ ୟେଏ ଉଆ କିଙ୍ଗ୍ ଉକୁ ୟେନେ କିଙ୍ଗ୍ । ବିକୁ ଆକିଙ୍ଗ୍ ସୁମ୍‌ଜାଅ କେଟ୍ କିନେ । ମି ହାଜାର୍ ଲିକା ଟାକା ଏମାଡ୍ କିନେ ଅଣ୍ଡଃ ଆକିଙ୍ଗ୍ ଆକାରିଙ୍ଗ୍ କେଚେ ଚାଲାହ ନାକିଙ୍ଗ୍ ମେନ୍ତେ କାଜିୟେଡ୍ କିନେ । ଆଞ୍ଜା କାଆଦି ଜାବାୟାନା ବା ଦାରୁ ଗଏୟାନା ।

**କୁମାରୀ ପାନି ହେମ୍ବ୍ରମ୍**
ସପ୍ତମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର

# ବିଦୁ ଚନ୍ଦାନ ନେହର

ଜହାର ଜହାର ବିଦୁ ଗ୍ନଦାନ
ଗୁନ ବିରଜା ଗ୍ବଗ୍ବଲ କିନ
ଅଲ ବିରଜା ଗେୟାନ ଗ୍ବଗ୍ବଲ କିନ
ବୁଦ୍ଧି ଗେୟାନ ଖାଟ ଗେଡିଞ୍ଜ
ଧି-ଦାଲେ ବାଲେ ଗେଡିଞ୍ଜ
ଜେସେ ଉଇଞ୍ଜହଁ ଆକିଲ ଇମାଞ୍ଜ ବିନ
ଅବିନାଃଗେ ଦାୟା ମାର୍ୟାତେ
ଛିଆନ କ ନାୟାନଃ କାନ
ଜେସେ ଇଞ୍ଜହଁ ଗେୟାନ ଇମାଞ୍ଜ ବିନ୍
ମନେ ଆଲ ଏଟା ଗଃମା
ମନେ ମହେତିଞ୍ଜ ବୁସାଲ କଃମା
ବୁଗି ବାଲିଜ ବିତଞ୍ଜ ଞେଲଞ୍ଜାମା
ଜହାର ଜହାର ବିଦୁ ଗ୍ନଦାନି
ଗୁନ ବିରଜା ଗ୍ବଗ୍ବଲ କିନ
ଅଲ ବିରଜା ଗେୟାନ ଗ୍ବଗ୍ବଲ କିନ୍

କୁମାରୀ ଲକ୍ଷ୍ମୀ ମୁର୍ମୁ
କୋଠବାଡ଼ି ଆଶ୍ରମ ବିଦ୍ୟାଳୟ
ଶ୍ରେଣୀ-ସପ୍ତମ



ନିରୁପମା ବିଶ୍ୱାସ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଲକାନାଗିରି



ଗାୟତ୍ରୀ ମାଝୀ

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼

ଆମ ଓଡ଼ିଶାର ସରଗିଫୁଲ୍ ପର୍ବ



ଆକାଶ ମୁଣ୍ଡା

ସରକାରୀ ଉଚ୍ଚ ବିଦ୍ୟାଳୟ, ଝାରସୁଗୁଡ଼ା

## ଆଇନାରେ





















































































ebate in Odia
(Senior)

















# ଦି' ପଦ

ମୁଁ ଖୁସି ଯେ, ଆମ ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ମହୋତ୍ସବ "ସରଗିଫୁଲ୍"ର ଏକ ବିଶେଷାଙ୍କ ଆମେ ପ୍ରସ୍ତୁତ କରିଛୁ । "ସରଗିଫୁଲ୍" ଆୟୋଜନରେ ଆମେ ଯେତେ ଉତ୍ସାହିତ ହେଉ; ପିଲାମାନଙ୍କ ଅଂଶ ଗ୍ରହଣ ଓ ଭାବଗତ ଆଦାନ ପ୍ରଦାନ ସେ ସମୟରେ ଆମକୁ ମଧ୍ୟ ପିଲା କରିଦିଏ ଓ ଆମ ଉତ୍ସାହକୁ ଆହୁରି ବହୁଗୁଣିତ କରିଦିଏ । ଆମ ପିଲାମାନେ ଭାଗ୍ୟବାନ ଆଉ ତାଙ୍କ ସହ ଆମେ ବି ଭାଗ୍ୟବାନ ।

ଉତ୍ସବରେ ଆମେ ସାମିଲ ଥିଲୁ, ପ୍ରତ୍ୟକ୍ଷଦର୍ଶୀ ଥିଲୁ । ସେହି ଉତ୍ସବର ଚିତ୍ରଲିପି "ସରଗିଫୁଲ୍" ପତ୍ରିକାର ବିଷୟ ସବୁ ପଢ଼ିଲା ପରେ ଉତ୍ସବଟି ଆହୁରି ଥରେ ଚିତ୍ରମୟ ହୋଇ ଉଦ୍‌ଭାସିତ ହୋଇଯାଉଛି ଆମ ଆଗରେ ।

ପିଲାମାନଙ୍କ ଉତ୍ସବରେ ଅନ୍ତର୍ଭୁକ୍ତ ସୃଜନ ସାମର୍ଥ୍ୟ, ଏଷଣାର ପ୍ରତିରୂପ ଏହି ପତ୍ରିକା, ପିଲାମାନଙ୍କ ପାଇଁ ହିଁ ସମ୍ଭବିଛି । ଏ ଧାରା ଗତିଶୀଳ ହେଉ । ପତ୍ରିକା ପ୍ରକାଶନ ଅବସରରେ ଏତିକି କାମନା ।

ଅଖିଳ ବିହାରୀ ଓଟା
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

